ଗତ ବୁଧବାର ସକାଳ ୮ ଘଣ୍ଟା ବେଳେ ଏଠା କମିଶନର ସାହେବଙ୍କ କଚେରି ଗୃହରେ ମାନ୍ୟବର ବଙ୍ଗେଶ୍ୱରଙ୍କର ଅଭ୍ୟର୍ଥନାର ଆୟୋଜନ ନିମନ୍ତେ ଗୋଟିଏ ସଭା ହୋଇଥିଲା । ବିଭାଗୀୟ କମିଶନର ଶ୍ରୀଯୁକ୍ତ ଗୁପ୍ତ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ଇଉରୋପୀୟ ସରକାରୀ ମଧ୍ୟରେ ଜଜ, କଲେକ୍ଟର ଦୁଇଜଣ ଡେପୁଟୀ ସରକାରୀ ଏବଂ ବେସରକାରୀ କିଛିଜଣ ପାଦରୀସାହେବ ଓ ଦେଶୀୟଙ୍କ ମଧ୍ୟରେ କନିକା ରାଜା ଓ ସରକାରୀ ବେସରକାରୀ ପ୍ରାୟ ୨୫ ଜଣ ସଭ୍ୟ ଉପସ୍ଥିତ ଥିଲେ । ଧାର୍ଯ୍ୟ ହେଲା ଯେ ସର୍ବସାଧାରଣଙ୍କ ପକ୍ଷରୁ ଗୋଟିଏ ଅଭିନନ୍ଦନପତ୍ର ଛୋଟ ଲାଟ ମହୋଦୟଙ୍କୁ ଅର୍ପିତ ହେବ ଏବଂ ତାହାଙ୍କ ସମ୍ମାନାର୍ଥ ରେଲଷ୍ଟେସନଠାରେ ଅଭ୍ୟର୍ଥନା ମଣ୍ଡପ ଓ ସେଠାରୁ ଲାଲବାଗ କୋଠି ପର୍ଯ୍ୟନ୍ତ ରାଜପଥ ଫାଟକ ପତାକା ପତ୍ରାଦି ଦ୍ୱାରା ସୁସଜ୍ଜିତ ହେବ । ଏ ସବୁ ବ୍ୟୟ ସାଧାରଣ ଚାନ୍ଦାଦ୍ୱାରା ନିର୍ବାହ ହେବ । ଏହି ସମସ୍ତ କାର୍ଯ୍ୟ ନିର୍ବାହ କାରଣ ଗୋଟିଏ କମିଟି ଗଠିତ ହେଲା ଏବଂ ମିଉନିସିପାଲିଟିର ଚେଆରମାନ ତହିଁର ସେକ୍ରେଟେରୀ ଓ ଭାଇସ ଚେଆରମାନ ସହକାରୀ ସେକ୍ରେଟେରୀ ଓ କୋଷାଧ୍ୟକ୍ଷ ନିଯୁକ୍ତ ହେଲେ । ଅତଃପର ଚାନ୍ଦା ସ୍ୱାକ୍ଷରିତ ହୋଇ ସଭା ଭଙ୍ଗ ହେଲା । ସେହି ଚାନ୍ଦାର ପରିମାଣ ୯୨୮୦ ଟଙ୍କା ଅଟେ । ତହିଁମଧ୍ୟରେ କନିକାର ମହାରାଜା ୫୦୦ ଟଙ୍କା ଏବଂ କମିଶନର, ଜଜ ଓ କଲେକ୍ଟର ଏବଂ ମିଃ ଏମ୍ ଏସ୍ ଦାସ ମାନେ ପ୍ରତ୍ୟେକେ ୧୨୫ ଟଙ୍କା ଲେଖାଏଁ ସ୍ୱାକ୍ଷର କରିଅଛନ୍ତି । ଆଶା କରୁଁ ନଗରବାସୀ ଭଦ୍ରଲୋକମାନେ ଉପଯୁକ୍ତ ଚାନ୍ଦା ପ୍ରଦାନରେ ମୁକ୍ତହସ୍ତ ହୋଇ ଏ ସ୍ଥାନର ଗୌରବ ରକ୍ଷା କରିବେ ।

---

ଗତ ୧୪ ତାରିଖର ସମ୍ବଲପୁର ହିତୈଷିଣୀରେ 'ଭାରତର ଅଦୃଷ୍ଟ' ନାମରେ ଗୋଟିଏ ପ୍ରବନ୍ଧ ପ୍ରକାଶିତ ହୋଇଅଛି । ପ୍ରାୟ ପ୍ରତିବର୍ଷ ଦୁଇ ବା ମଲୁଡ଼ିରେ ଭାରତର ଏକ୨ ଅଂଶରେ ଦୁର୍ଭିକ୍ଷ ପଡ଼ିବା ଏବଂ ଦୁର୍ଭିକ୍ଷ କଷ୍ଟ ସାହାଯ୍ୟପ୍ରାପ୍ତ ଗତ୨ ବ୍ୟକ୍ତି ବିଦ୍ୟମାନ ଥିବାର ଲେଖକ ବର୍ଣ୍ଣନା କରି କହିଅଛନ୍ତି ଯେ ବର୍ତ୍ତମାନର ଭାରତ ଶାସନକର୍ତ୍ତା ଲର୍ଡ କର୍ଜନ ବାହାଦୁର ଦୁର୍ଭିକ୍ଷ ପୀଡ଼ିତ ସ୍ଥାନମାନ ସ୍ୱୟଂ ପରିଦର୍ଶନ କରି ଲୋକଙ୍କୁ ସାହାଯ୍ୟ ଦେବା ଏବଂ ଭବିଷ୍ୟତରେ ଯେ କଷ୍ଟ ନିବାରଣ କରିବାର ଯଥୋଚିତ ଉପାୟ କରୁଅଛନ୍ତି । "ଦେବୋପମ ହୃଦୟ ଇଂରାଜମାନଙ୍କ ଶାସନାଧୀନ ନ ଥିଲେ ବୋଧ ହୁଅଇ ଭାରତ ଅତି ଅଳ୍ପ କାଳରେ ପରିଣତ ହୋଇ ଯାଇଥାନ୍ତା ।" ଅଶ୍ରୁ ପ୍ରତିକାର ଯେତେଦୂର ସମ୍ଭବ ତାହା ପ୍ରଦାନ କରିବାରେ ଗବର୍ଣ୍ଣମେଣ୍ଟଙ୍କର ଯଥୋଚିତ ଦୃଷ୍ଟି ରହିଅଛି ଏବଂ ଏ ସମ୍ବନ୍ଧରେ ଲର୍ଡ କର୍ଜନଙ୍କର ପ୍ରଶଂସା ଯତ୍ନ ଓ ପରିଶ୍ରମ ପ୍ରଶଂସନୀୟ ସନ୍ଦେହ ନାହିଁ । ମାତ୍ର ରୋଗ ଚିକିତ୍ସାଠାରୁ ନିବାରଣ ଉତ୍କୃଷ୍ଟତର । ଗବର୍ଣ୍ଣମେଣ୍ଟ ସାହାଯ୍ୟ ଦାନରେ କୋଟି୨ ଟଙ୍କା ବ୍ୟୟ କରୁଅଛନ୍ତି ମାତ୍ର ଅନ୍ୟ ଦଗରେ ନାନା କାରଣରୁ ଭାରତର ଦରିଦ୍ରତା କ୍ରମାଗତ ବଢ଼ିବାଦ୍ୱାରା ଦୁର୍ଭିକ୍ଷର କୋପ ଯେପରି ବୃଦ୍ଧି ହେଉଅଛି ତହିଁରେ ଯେ ଏକଦିନ ଭାରତ ଭସ୍ମରେ ପରିଣତ ନ ହେବ ଏହା କିଏ କହିବ ? ଭାରତବାସିଙ୍କର ଦରିଦ୍ରତା ଦୁର୍ଭିକ୍ଷ କ୍ଲେଶ ବୃଦ୍ଧିର ନିଦାନ ଅଟେ ଏହା

Digitized by srujanika@gmail.com

ଆମ୍ଭମାନଙ୍କର ନାହିଁ କି ଅନେକ ବିଚକ୍ଷଣ ଇଂରାଜମାନଙ୍କର ମତ ଏବଂ ଗବର୍ଣ୍ଣମେଣ୍ଟ ସେ ବିଷୟରେ ନିତାନ୍ତ ଉଦାସୀନ ନୁହନ୍ତି । ମାତ୍ର ଭାରତର ମନ୍ଦ ଅଦୃଷ୍ଟ ହେତୁ ଶୀଘ୍ର ଉଚିତ ପ୍ରତୀକାର ହେଉ ନାହିଁ । ଯହିଁରେ ଭାରତର ଧନ ଭାରତବାସିଙ୍କ ହାତରେ ରହିବ ଏବଂ ଭାରତ ଶାସନ ସମ୍ବନ୍ଧରେ ଉଦାର ଇଂରାଜ ରାଜ ଯେ ଅନେକ ଓ ଘୋଷଣାପତ୍ରମାନ ପ୍ରଚାର କରିଅଛନ୍ତି ସେ ସମସ୍ତ ଦୃଢ଼ରୂପେ ପ୍ରତିପାଳିତ ହେବ, ଲର୍ଡ କର୍ଜନ ବାହାଦୁର ତହିଁର ବିହିତ ବିଧାନ କରି ଭାରତରେ ଅକ୍ଷୟ କୀର୍ତ୍ତି ରଖି ଯାଉନ୍ତୁ ଏହାହିଁ ଆମ୍ଭମାନଙ୍କର ଏକାନ୍ତ ପ୍ରାର୍ଥନା । ଇଂରାଜ ଶାସନ ନୀତି ଉତ୍କୃଷ୍ଟ ଏବଂ ଉଦାର ଅଟେ ଏବଂ ରାଜାଙ୍କଠାରୁ ଆମ୍ଭେମାନେ ପ୍ରଚୁର ଅଧିକାର ପାଇଅଛୁଁ ତହିଁରେ ଦ୍ୱିରୁକ୍ତି ନାହିଁ । କେବଳ ସେ ସମସ୍ତ ଉଦାରଭାବରେ କାର୍ଯ୍ୟରେ ପରିଣତ ହେଲେ ଭାରତର ମଙ୍ଗଳ ହେବ ସନ୍ଦେହ ନାହିଁ ।

---

## ଇନକମ ଟିକସ ।

ସନ ୧୯୦୧ ସାଲରେ ବଙ୍ଗପ୍ରଦେଶର ଇନକମ ଟିକସର ଆୟ ଟ ୫୬,୫୬,୭୩୫ ରୁ ସନ ୧୯୦୨ ସାଲର ଆୟ ଟ ୫୮,୬୨,୭୮୭ ହୋଇଥିଲା । ସୁତରାଂ ଦୁଇଲକ୍ଷ ୧୦ହଜାର ଟଙ୍କା ଅଥବା ଶତକରା ୩.୯ ବୃଦ୍ଧି ହୋଇଥିଲା । ତହିଁ ମଧ୍ୟରେ ଏକା କମ୍ପାନିର ଲାଭ ବାବତରେ ଏକ ଲକ୍ଷ ଟଙ୍କାର ଉପର ବୃଦ୍ଧି ହୋଇଥିଲା । ଏଥିର ଅଧିକାଂଶ ଛୋଟ କମ୍ପାନି ଓ ଛୋଟ କଲମାନଙ୍କର ଆୟ ଅଟେ । ଛୋଟିଆ ବ୍ୟବସାୟ କ୍ରମେ ବିସ୍ତାର ଓ ଲାଭଜନକ ହେବାର ଏଥିରୁ ଜଣାଯାଏ । ଜମାବନ୍ଦି ସମ୍ବନ୍ଧରେ ଲେଖାଅଛି କି ବାଲେଶ୍ୱର ସିଂହଭୂମ ଚମ୍ପାରଣ ଏବଂ ହଜାରିବାଗ ଏହି ଚାରି ଜିଲ୍ଲାରେ ଶତକରା ଟ ୧୦ ଟଙ୍କାରୁ ଅଧିକ ଜମା ବଢ଼ିଥିଲା । ତହିଁମଧ୍ୟରେ ବାଲେଶ୍ୱରର ଜମା ବୃଦ୍ଧି ସର୍ବାପେକ୍ଷା ଅଧିକ ଅର୍ଥାତ ଶତକରା ୩୦.୦୧ ଥିଲା । ଏହି ବୃଦ୍ଧିର ଏହି କାରଣ ପ୍ରଦର୍ଶିତ ହୋଇଅଛି କି ଯେ ସମସ୍ତ ସଙ୍ଗତିପନ୍ନ ବ୍ୟକ୍ତିଙ୍କ ଜମା ପୂର୍ବେ ଊଣା ଥିଲା ସେ ସବୁ ବୃଦ୍ଧି ହୋଇଅଛି । ବଙ୍ଗଦେଶର ୫୬ ଜିଲ୍ଲା ମଧ୍ୟରେ ଏକା ବାଲେଶ୍ୱରର ପୂର୍ବ ଜମାବନ୍ଦି ଏତେ ଊଣା ଥିଲା ଚମତ୍କାର ଜଣାଯାଉଅଛି । ଏହା ମେହ୍ଠା ଅସେସରଙ୍କର ସୁଖ୍ୟାତି ବୋଲିବାକୁ ହେବ । ସମ୍ଭବତଃ ଏହି କାରଣରୁ ବାଲେଶ୍ୱରର ମାଜେଷ୍ଟ୍ରେଟ ସେଠା ମିଉନିସିପାଲିଟୀର ଟିକସ ବନ୍ଦୋବସ୍ତର ଭାର ତାହାଙ୍କୁ ଦେବାର ଇଚ୍ଛା କରିଥିଲେ । ଓଡ଼ିଶାର ତିନିଜିଲ୍ଲାର ଇନକମ ଟିକସ ଜମାବନ୍ଦିର ବିବରଣ ଏହି କି ପ୍ରଥମେ ଜମାଧାର୍ଯ୍ୟ ହୋଇଥିଲା ।

| ଜିଲ୍ଲା | ଟିକସଦାତା ସଂଖ୍ୟା | ମୋଟ ଜମା |
|---|---|---|
| କଟକ | ୧,୪୮୦ | ଟ ୩୩,୪୬୪ |
| ବାଲେଶ୍ୱର | ୧,୧୬୭ | ଟ ୨୩,୭୮୦ |
| ପୁରୀ | ୧୦୩୧ | ଟ ୨୭,୯୪୨ |

ଏଥିରୁ କଟକରେ ୩୧ ଆପତ୍ତି ଓ ୧୭ ଅପିଲ ବାଲେଶ୍ୱରରେ ୧୬୧ ଆପତ୍ତି ଓ ୩୧ ଅପିଲ ଏବଂ ପୁରୀରେ ୧୧୬ ଆପତ୍ତି ଓ ୧୦ ଅପିଲରେ ସ୍ଥିର ଯାଇ ନିଟ ଆସାମୀ ଓ ଜମା ନିମ୍ନ ଲିଖିତରୂପେ ରହିଲା ଯଥା—

| | ଟିକସଦାତା | ନିଟ ଜମାବନ୍ଦି |
|---|---|---|
| କଟକ | ୧,୪୪୪ | ଟ ୩୨,୧୦୯ |
| ବାଲେଶ୍ୱର | ୧,୧୫୮ | ଟ ୨୩,୩୦୫ |
| ପୁରୀ | ୧,୦୨୫ | ଟ ୨୭,୭୨୯ |

ଏଥିରୁ ଦେଖାଯାଏ ଯେ ବାଲେଶ୍ୱରରୁ ସର୍ବାପେକ୍ଷା ଅଧିକ ଅପିଲ ହୋଇଥିଲା । ମାତ୍ର କମିଶନର ସାହେବ କେବଳ କଟକରେ ଟ ୨୫ ଟଙ୍କା ମାତ୍ର ଛାଡ଼ ଦେଇଥିଲେ ଓ ବାଲେଶ୍ୱର ଓ ପୁରୀରେ କଲେକ୍ଟରମାନେ ଆପତ୍ତି ଶୁଣି ଯାହା ଧାର୍ଯ୍ୟ କରିଥିଲେ ତାହା ବାହାଲ ରଖିଲେ ଅର୍ଥାତ ସମସ୍ତ ଅପିଲ ଡିସମିସ କରିଥିଲେ । ସମସ୍ତେ ବୃଥାରେ ସମୟ ଓ ଅର୍ଥ ବ୍ୟୟ କରି ଅପିଲ କରିଥିବା ସୁସଙ୍ଗତ ଜଣା ଯାଉ ନାହିଁ । ମାତ୍ର ଆୟ ବୁଝିବା ସହଜ କଥା ନୁହେ । ସୁତରାଂ ଅସେସରଙ୍କ କଲମ ଉପରେ ଭାର ମାରିବା ବଡ଼ କଠିନ ବ୍ୟାପାର । ଯାହା ହେଉ ଚଳିତ ବର୍ଷରୁ ଟ ୧୦୦୦ ଟଙ୍କାର ଊଣା ଆୟ ଛାଡ଼ ହେବାରୁ ଅବଗ୍ରହର ମାତ୍ରା ଅନେକ ଊଣା ପଡ଼ିବାର ଆଶା ହୁଅଇ ।

---

## ବଙ୍ଗେଶ୍ୱରଙ୍କର ଓଡ଼ିଶା ଭ୍ରମଣ ।

ମାନ୍ୟବର ବଙ୍ଗେଶ୍ୱର ସର ଏଣ୍ଡ୍ରୁ ଫ୍ରେଜର ବାହାଦୁର ସେହିକ କାର୍ଯ୍ୟଭାର ଗ୍ରହଣ କରି ଗତ ତା ୧୫ ଖରେ କଲିକତାରୁ ଯାତ୍ରା କରି ପୁରୁଲିଆ, ଗୟା ଓ ପାଲାମଉ ପରିଦର୍ଶନ କରିଅଛନ୍ତି । ଅଦ୍ୟ କଲିକତାକୁ ଫେରି ଆସିଥିବେ । ସେ ଗୟାରେ ଘ ୨୪ ଘଣ୍ଟାରୁ ଊଣା ଏବଂ ଅନ୍ୟ ଦୁଇସ୍ଥାନରେ ତହିଁରୁ କିଛି ଅଧିକ ଅବସ୍ଥାନ କରିଥିଲେ । ପୁଣି ୭ ୮ ଦିନ ଉତ୍ତାରୁ କଲିକତାରୁ ଯାତ୍ରା କରି ପୁରୀ କଟକ ଓ ବାଲେଶ୍ୱର ପରିଦର୍ଶନ କରିବାର ସମ୍ବାଦ ଆସିଅଛି । ପ୍ରତି ଜିଲ୍ଲାରେ ଏକଦିନରୁ ଅଧିକ ଅବସ୍ଥାନ କରିବେ ନାହିଁ ଏବଂ ଏଠାରେ ଆସନ୍ତା ତା ୨୭ ଖରେ ପହଞ୍ଚି ସେହିଦିନ ରାତ୍ରରେ ବାହାରିଯିବେ । ଶୁଣାଯାଏ ସେ ତା ୨୪ ଖ ରାତ୍ରରେ କଲିକତାରୁ ସ୍ପେସିଆଲ ଟ୍ରେନରେ ଯାତ୍ରା କରି ତା ୨୫ ଖ ସକାଳ ଘ ୧୧ ଟା ବେଳେ ପୁରୀରେ ଏବଂ ତା ୨୬ ଖ ସକାଳ ଘ ୯ ଟା ବେଳେ ଏଠାରେ ପହଞ୍ଚି ତା ୨୮ ଖ ସକାଳ ଘ ୬ ଟା ବେଳେ ପ୍ରସ୍ଥାନ କରିବେ ଏବଂ ସେହିଦିନ ଘ ୧୦ ଟାରେ ବାଲେଶ୍ୱରରେ ପହଞ୍ଚି ଅର୍ଦ୍ଧରାତ୍ରରେ ପ୍ରସ୍ଥାନ କରିବେ । ବଙ୍ଗପ୍ରଦେଶମଧ୍ୟରେ ଛୋଟନାଗପୁର ଏବଂ ଓଡ଼ିଶା ଏହି ଦୁଇବିଭାଗ ଅନୁନ୍ନତ । ତହିଁପ୍ରତି ମାନ୍ୟବର ବାହାଦୁରଙ୍କର ପ୍ରଥମେ ଦୃଷ୍ଟି ପଡ଼ିଅଛି ସୌଭାଗ୍ୟର ବିଷୟ ଅଟେ । ବିଶେଷତଃ ସେ ସମ୍ବଲପୁରର ଅଦାଲତ ସମୂହରୁ ଉଠି ଯାଇଥିବା ଉତ୍କଳଭାଷା ପୁନଃ ସ୍ଥାପନଦ୍ୱାରା ଉତ୍କଳୀୟମାନଙ୍କର ପରମ ଉପକାର ସାଧନ କରି ନ୍ୟାୟ ବିଚାର ଏବଂ ପ୍ରଜାବତ୍ସଳତାର ଯେଉଁ କୀର୍ତ୍ତି ରଖିଅଛନ୍ତି ତାହା ଯୁଗେ୨ ଜାଜ୍ୱଲ୍ୟମାନ ରହିବ ଏବଂ ଏବେ ଶୀଘ୍ର ଓଡ଼ିଶାରେ ଉପଗମନ ହେବାଦ୍ୱାରା ପଶ୍ଚାତପଦ ଉତ୍କଳୀୟଙ୍କ ପ୍ରତି ତାହାଙ୍କର ପ୍ରଗାଢ଼ ଦୟା, ସହାନୁଭୂତି, ଏବଂ ସେମାନଙ୍କର ମଙ୍ଗଳ ଚେଷ୍ଟା କରୁଥିବାର ସ୍ପଷ୍ଟ ପରିଚୟ ଦେଉଅଛନ୍ତି । ଏଥିପାଇଁ ଆମ୍ଭେମାନେ ତାହାଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁଁ । ପଶ୍ଚାତ୍ରେ ମାନ୍ୟବର ମହୋଦୟ ବଙ୍ଗଲାର ଲେଫ୍ଟନାଣ୍ଟ ଗଦିରେ ବସିବାର ପ୍ରସଙ୍ଗ ଉଦୟ ହେବା କାଳରେ ସମ୍ବାଦପତ୍ରମାନଙ୍କରେ ଯେଉଁ କଥା ବାହାରିଥିଲା କି ଓଡ଼ିଶାକୁ ବଙ୍ଗଳାରୁ ଖାରଜ କରି ମଧ୍ୟପ୍ରଦେଶରେ ଦାଖଲ କରିବା ତାହାଙ୍କର ପ୍ରଥମ ପ୍ରଧାନ କାର୍ଯ୍ୟ ହେବ ଏବଂ ପରେ ଇଂଲିସମ୍ୟାନରେ ପ୍ରକାଶ ହୋଇଥିଲା କି ଛୋଟନାଗପୁର ଅଥବା ଓଡ଼ିଶାବିଭାଗ ମଧ୍ୟପ୍ରଦେଶର ଅନ୍ତର୍ଗତ ହେବ ଏବଂ ତହିଁ ମଧ୍ୟରେ ଓଡ଼ିଶା ମଧ୍ୟପ୍ରଦେଶ ଭୁକ୍ତ ହେବ ସେ କଥାସଙ୍ଗେ ମାନ୍ୟବର ମହୋଦୟ ପ୍ରଥମେ ଛୋଟନାଗପୁର ଏବଂ ଓଡ଼ିଶା ପରିଭ୍ରମଣ କରିବା କଥା ମିଶାଇଲେ ମନରେ ଭୟ ହେଉଅଛି ଯେମନ୍ତ ସେହି ବିଷୟର ମୀମାଂସା ତାହାଙ୍କୁ ଏଦିଗକୁ ଟାଣି ଆଣିଅଛି ଏବଂ ତହିଁପାଇଁ ଅନେକ ଲୋକ ବ୍ୟସ୍ତ ଅଛନ୍ତି । ଏ ଭୟ ଅମୂଳକ ବୋଲି ଆମ୍ଭେମାନେ କହିବାକୁ ସମର୍ଥ ନୋହୁଁ ମାତ୍ର ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଯେ ସେ ଯେମନ୍ତ ନ୍ୟାୟବାନ ଓ ଧର୍ମପରାୟଣ ଶାସନକର୍ତ୍ତା ବୋଲି ସୁନାମ ଅର୍ଜିଅଛନ୍ତି ଏବଂ ଉତ୍କଳୀୟଙ୍କର ହିତୈଷୀ ବୋଲି ପରିଚିତ ହୋଇଅଛନ୍ତି ଓଡ଼ିଶାର ବଙ୍ଗଳା ସହିତ ଘନିଷ୍ଠ ସମ୍ବନ୍ଧ ଏବଂ ତଦ୍ୱାରା କ୍ରମାଗତ ଉନ୍ନତି ହେଉଥିବା ବିଷୟ ଏହି ପରିଦର୍ଶନରେ ବିଶେଷରୂପେ ଅବଗତ ହୋଇ ଓଡ଼ିଆବାସିଙ୍କର କ୍ରମିକ ଉନ୍ନତିର ବାଧାଜନକ ବ୍ୟବସ୍ଥା କରିବାକୁ କଦାଚ ସମ୍ମତ ହେବେ ନାହିଁ ଏବଂ ତାହାଙ୍କ ଶାସନକାଳରେ ଆମ୍ଭମାନଙ୍କର ଉନ୍ନତିର କୌଣସି ବାଧା ହେବ ନାହିଁ ।

---

## ଓଡ଼ିଶା ମିଉନିସିପାଲିଟୀ ସମୂହର କାର୍ଯ୍ୟକଳାପ ।

ବଙ୍ଗପ୍ରଦେଶର ମିଉନିସିପାଲିଟୀ ସମୂହର ଗତ ବାର୍ଷିକ ବିବରଣୀ ସମ୍ବନ୍ଧରେ ମାନ୍ୟବର ବଙ୍ଗେଶ୍ୱରଙ୍କର ସମାଲୋଚନାର ସ୍ଥୂଳ ମର୍ମ ଏହି

Digitized by srujanika@gmail.com

ସମ୍ବାଦରେ ପାଠକମାନଙ୍କୁ ଜଣାଇଅଛୁଁ । ମିଉନିସିପଲ କମିଶନରମାନଙ୍କ ହସ୍ତରେ ନ୍ୟସ୍ତ ଥିବା ବିବିଧ କାର୍ଯ୍ୟ ମଧ୍ୟରେ ଓଡ଼ିଶାର ମିଉନିସିପଲ କମିଶନରମାନେ କି କାର୍ଯ୍ୟ ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ଉତ୍ତମ ବା ମଧ୍ୟମରୂପେ ନିର୍ବାହ କରିଅଛନ୍ତି ତହିଁର ପରିଚୟ ଦେବା ଆବଶ୍ୟକ ବିବେଚନାରେ ଅଦ୍ୟ ପ୍ରକାଶ କରୁଅଛୁଁ ।

ମିଉନିସିପାଲିଟୀ ସମୂହର ଆର୍ଥିକ ଅବସ୍ଥା ଉନ୍ନତିପଥକୁ ଅଗ୍ରସର ହେବାର ଦେଖି ମାନ୍ୟବର ବଙ୍ଗେଶ୍ୱର ଆନନ୍ଦିତ ହୋଇଅଛନ୍ତି । ମାତ୍ର ଓଡ଼ିଶାବିଭାଗରେ ପ୍ରଥମେ ଯେ ଉନ୍ନତି ଦେଖା ଯାଇଥିଲା ଗତ ଦୁଇବର୍ଷରେ ତାହା ରହି ପାରିଲା ନାହିଁ ଏବଂ ବର୍ତ୍ତିତ ବର୍ଷର ହାଲ ଜମା ମଧ୍ୟରୁ ଶତକଡ଼ା କେବଳ ଟ ୮୪.୩୫ ଟଙ୍କା ଆଦାୟ ହୋଇଅଛି । ଏକମାତ୍ର କେନ୍ଦ୍ରାପଡ଼ାରେ ପ୍ରାୟ ସମସ୍ତ ଜମା ଆଦାୟ ହୋଇଅଛି ।

କରଦାତାଙ୍କ ସଂଖ୍ୟା—ଯେଉଁ ପାଞ୍ଚଟିର ସଦର ମିଉନିସିପାଲିଟୀରେ ଲୋକସଂଖ୍ୟା ପ୍ରତି କରଦାତାଙ୍କ ଶତକଡ଼ା ଊଣା ଥିବାର ଗତ ଦୁଇବର୍ଷର ନିର୍ଦ୍ଧାରଣରେ ଲେଖାଥିଲା ତହିଁ ମଧ୍ୟରୁ କଟକ ମିଉନିସିପାଲିଟୀର ନୂତନ ବନ୍ଦୋବସ୍ତରେ କରଦାତାଙ୍କ ସଂଖ୍ୟା ୫,୭୬୫ରୁ ୬,୭୨୬ କୁ ଉଠିଅଛି । ଅନ୍ୟତ୍ର ସାମାନ୍ୟ ବଢ଼ିଅଛି ।

ନୂତନ ଜମାବନ୍ଦି— ଆସେସରଙ୍କର ଜମା ବୃଦ୍ଧି ଅଧିକାଂଶ ଅପିଲରେ କଟିଯିବା ହେତୁ କଟକ ମିଉନିସିପାଲିଟୀର କମା ହୋଇଅଛି । ରେଳବେ ବିସ୍ତାର ହେତୁ ଫେରିଘାଟ ମାସୁଲ କଟକରେ ବିସ୍ତର ଊଣା ପଡ଼ିଅଛି ।

ଜମା ସମ୍ବନ୍ଧରେ ଏତିକି । ଖରଚ ଦଫାରେ ଅଫିସ ଓ ତହସିଲ ମହଲୁମା ଖରଚ ଅନ୍ୟତ୍ର ବଢ଼ିଥିବା ପ୍ରତ୍ୟକ୍ଷେ ଓଡ଼ିଶା ବିଭାଗରେ ଶତକଡ଼ା ୫.୭ ଟଙ୍କାରୁ ଅଧିକ ନୁହେ । ମଇଳା ଉଠାଇବା, ସଡ଼କ ଝାଡ଼ୁ, ସଡ଼କରେ ଜଳ ଦେବା ଓ ପାଠଶାଳା ସଫା ଇତ୍ୟାଦି ଖରଚ ବର୍ତ୍ତମାନ ପାଟନା ଓ ଓଡ଼ିଶା ଏହି ଦୁଇ ବିଭାଗରେ ଊଣା ପଡ଼ିଥିଲେହେଁ ଓଡ଼ିଶାରେ ସାମାନ୍ୟ ଊଣା ପଡ଼ିଅଛି । ପାନୀୟ ଜଳ, ପାଣିନାଳା, ଚିକିତ୍ସା, ଟୀକା ଦିଆ ଇତ୍ୟାଦି କାର୍ଯ୍ୟରେ ଓଡ଼ିଶା ପ୍ରତିକୂଳରେ କିଛି ଲେଖା ନାହିଁ ।

ଉପରଲିଖିତ ବିବରଣରୁ ସ୍ପଷ୍ଟ ଦେଖା ଯାଉଅଛି ଯେ ଓଡ଼ିଶାର ମିଉନିସିପାଲିଟୀମାନଙ୍କର କାର୍ଯ୍ୟ ମୋଟରେ ଅସନ୍ତୋଷଜନକ ନୁହେ । ଅନ୍ତତଃ ଗବର୍ଣ୍ଣମେଣ୍ଟ ଏକମାତ୍ର ଟିକସ ଉସୁଲ ଛଡ଼ା ଅନ୍ୟ କୌଣସି ବିଷୟର ଓଡ଼ିଶା ମିଉନିସିପାଲିଟୀ ସମୂହର ନିନ୍ଦା କରି ନାହାନ୍ତି । ପରନ୍ତୁ ଯଦ୍ୟପି ବି କଟକ ମିଉନିସିପାଲିଟୀର ବିଶେଷ କରବୃଦ୍ଧି ଅପିଲ କମିଟି ଅଯଥା ଉଦାରତାର କାଟି ଦେଲେ ବୋଲି ଗବର୍ଣ୍ଣମେଣ୍ଟ କିଛି ଅସନ୍ତୋଷଭାବ ପ୍ରକାଶ କରିଅଛନ୍ତି । ପକ୍ଷାନ୍ତରେ ସେହି ବନ୍ଦୋବସ୍ତରେ କରଦାତାଙ୍କ ସଂଖ୍ୟା ବୃଦ୍ଧି ହେବାର ଦେଖି ସନ୍ତୋଷ ପ୍ରକାଶ କରିଅଛନ୍ତି । ଫଳତଃ ଆଇନମତେ ମିଉନିସିପାଲିଟୀର ଆୟ ଯେତେ ଅଧିକ ହୋଇପାରେ ତାହା କରିବା ମିଉନିସିପଲ କମିଶନରମାନଙ୍କର ଯେମନ୍ତ ଗୋଟିଏ ପ୍ରଧାନ କାର୍ଯ୍ୟ ତେମନ୍ତ ସହର ସଫାଇ, ସଡ଼କ ନିର୍ମାଣ ଓ ମରାମତି, ବୃଷ୍ଟି ଜଳ ବାହାର ଯିବାର ନାଳା କାଟିବା, ପାନୀୟ ଜଳ ଯୋଗାଇବା ପ୍ରଧାନ କାର୍ଯ୍ୟମାନ ଅଟେ । ଏଥିରୁ ପ୍ରଥମଲିଖିତ କାର୍ଯ୍ୟରେ କଟକ ମିଉନିସିପାଲିଟୀର ତ୍ରୁଟି ତର୍କାନୁରୋଧରେ ସ୍ୱୀକାର କଲେ ମଧ୍ୟ ଅନ୍ୟ କାର୍ଯ୍ୟ ସମସ୍ତରେ ତ୍ରୁଟି ହୋଇ ନ ଥିବା ପ୍ରତ୍ୟକ୍ଷେ ଆମ୍ଭମାନଙ୍କର ସୁଯୋଗ୍ୟ କମିଶନର ଶ୍ରୀଯୁକ୍ତ ଗୁପ୍ତସାହେବ କଟକ ମିଉନିସିପାଲିଟୀର ପ୍ରାୟ ସକଳ ପ୍ରଧାନ କାର୍ଯ୍ୟରେ ତ୍ରୁଟି କରିଥିବାର ଗବର୍ଣ୍ଣମେଣ୍ଟଙ୍କୁ ଯାହା ଜଣାଇ ଅଛନ୍ତି ତାହା ଯୁକ୍ତିସଙ୍ଗତ ବୋଲି କିଏ ସ୍ୱୀକାର କରିବ ? ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଯେ କମିଶନରସାହେବ ମହୋଦୟ ଭ୍ରମରେ ପଡ଼ି ସେପରି ଲେଖିଅଛନ୍ତି ଏବଂ ସମ୍ଭବତଃ ତାହାଙ୍କ ପର ଅପର କେତେକ ମିଉନିସିପାଲିଟୀ ବିଷୟରେ ଅନ୍ୟାନ୍ୟ ଜିଲ୍ଲା ବା ବିଭାଗୀୟ ହାକିମମାନେ ଭ୍ରମରେ ପଡ଼ି ସେହି ପ୍ରକାର ଲେଖିଥିବା ଓ ସେସମସ୍ତ ଗବର୍ଣ୍ଣମେଣ୍ଟଙ୍କର ମନୋନୀତ ନ ହେବା ହେତୁ ମାନ୍ୟବର ବଙ୍ଗେଶ୍ୱର ଗୁଣ ପ୍ରତି ଦୃଷ୍ଟି ନ କରି କେବଳ ଛିଦ୍ର ଖୋଜିବା ନୀତିର ନିନ୍ଦା କରିଅଛନ୍ତି ।

———

## କୃଷିବାଙ୍କ ।

ପ୍ରଜାମାନେ ଅଧିକ ସୁଧରେ ମହାଜନଠାରୁ ଟଙ୍କା ଋଣ କରି ବରବାଦ ନ ହେବେ ଏବଂ ଅଳ୍ପ ସୁଧରେ ପ୍ରୟୋଜନମତେ ଋଣ କରି କାର୍ଯ୍ୟ ନିର୍ବାହ କରିବାକୁ ସମର୍ଥ ହେବେ ଏହି ଅଭିପ୍ରାୟରେ ଗବର୍ଣ୍ଣମେଣ୍ଟ ବର୍ଷାଧିକ ହେଲା କୃଷିବାଙ୍କ ସ୍ଥାପନର ଚେଷ୍ଟା କରୁଥିବାର ପାଠକମାନଙ୍କୁ ଜଣାଅଛି । ସମ୍ପ୍ରତି ସେ ବିଷୟରେ ଖଣ୍ଡିଏ ଆଇନର ପାଣ୍ଡୁଲିପି ବଡ଼ଲାଟଙ୍କ ସଭାରେ ସିମଲାରେ ଆଗତ ହୋଇଅଛି । ପାଣ୍ଡୁଲିପିର ସଂକ୍ଷେପ ମର୍ମ ଏହି କି ସହରର ନାଗର ସମିତି ଏବଂ ମୋଫସଲର ପ୍ରଜାମାନେ ପରସ୍ପରର ହିତାର୍ଥେ କୃଷିବାଙ୍କ ସ୍ଥାପନ କରି ପାରିବେ । ଅଳ୍ପ ସଙ୍ଗତିପନ୍ନ ଲୋକଙ୍କ ସହାୟେ ଏ ବ୍ୟବସ୍ଥା ହେଉଅଛି ବରଂ କାରିଗର ବା ଗୃହିମାନଙ୍କ ସହାୟେ ନୁହେ । ଏକ ଅଥବା ନିକଟବର୍ତ୍ତୀ ଦୁଇ ତିନି ଗ୍ରାମ ବା ସହରର ନାଗର ବା ପ୍ରଜାମାନେ କିଛି ଟଙ୍କା ଜମା କରି ବାଙ୍କର ସୃଷ୍ଟି କରି ତହିଁର ଅଂଶୀ ହେବେ ଓ ସେମାନଙ୍କର ମନୋନୀତ ମତେ ନୂତନ ଲୋକ ଅଂଶୀ ହୋଇ ପାରିବେ । ତାହା ହେଲେ ଯାହାଙ୍କ ବିଶ୍ୱାସ ନାହିଁ ସେ ଲୋକ ବାଙ୍କର ସମ୍ମିଳିତ ହୋଇ ପାରିବ ନାହିଁ । ଯେ ଯେତେ ଟଙ୍କା ଦେବ ସେ ପରିମାଣରେ ତାହାର ଅଂଶ ହେବ । କେହି ଏକ ବ୍ୟକ୍ତି ଅଧିକ ଅଂଶ ରଖି ପାରିବ ନାହିଁ ଏବଂ ଅଂଶ ବିକ୍ରୟର ମଧ୍ୟ ସୀମା ରହିବ । ବାଙ୍କର ଅଂଶୀ ଛଡ଼ା ଅନ୍ୟ କେହି ବାଙ୍କରୁ ଟଙ୍କା ଋଣ କରି ପାରିବ ନାହିଁ ଏବଂ ଅଳ୍ପ ଦରରେ ସୁଧ ଦେବାକୁ ହେବ । ସୁଧଦ୍ୱାରା ଯାହା ଆୟ ହେବ ତାହା ମୂଳଧନରେ ମିଶିଥିବ । ଅଂଶୀମାନେ କିଛି ଲାଭ ପାଇବେ ନାହିଁ । କାରଣ ଏ ବ୍ୟବସ୍ଥାର ମୂଳ ଲାଭ କେବଳ ପରସ୍ପରର ସାହାଯ୍ୟ କରିବା, ଉପାର୍ଜନ କରିବା ନୁହେ । ବଳକା ଟଙ୍କା ବାଙ୍କରେ ଅଥବା କୌଣସି ଏକ ବ୍ୟକ୍ତିଠାରେ ଅଳ୍ପ ସୁଧରେ ଜମା ହେବ । ଜମିର ଉତ୍ପନ୍ନର ମାଲିକ ଛଡ଼ା କୌଣସି ଦ୍ରବ୍ୟ ବନ୍ଧକ ରଖି ଋଣ ଦିଆଯିବ ନାହିଁ । ଏହି ସମସ୍ତ ବାଙ୍କକୁ ଗବର୍ଣ୍ଣମେଣ୍ଟ ଇନକମ ଟିକସ, ଷ୍ଟାମ୍ପ ମାସୁଲ ଏବଂ ରେଜଷ୍ଟ୍ରି ଫିସ ଛାଡ଼ି ଦେବେ ଏବଂ ଏଥି ଉପରେ ମୂଳଧନ ଅନୁସାରେ ପ୍ରତି ପାଞ୍ଚଶ ଟଙ୍କାରେ ଟ ୫୦ ଟଙ୍କା ଲେଖାଏଁ ବିନା ସୁଧରେ ଋଣ ଦେବେ । ମାତ୍ର ତାହାଠାରୁ ଟ ୨୦୦ ଟଙ୍କାରୁ ଅଧିକ ଋଣ ଦେବେ ନାହିଁ । ସରକାରୀ ଋଣ ବି ୩ ବର୍ଷ ପର୍ଯ୍ୟନ୍ତ ବିନା ସୁଧରେ ଦିଆଯିବ ଏବଂ ତହିଁ ଉତ୍ତାରୁ ବାର୍ଷିକ ଶତକଡ଼ା ଟ ୪ ଟଙ୍କା ଦରରେ ନିଆଯିବ । ଆଦାୟ ନିମନ୍ତେ ବି ୧୦ ବର୍ଷର କିସ୍ତିବନ୍ଦି ହେବ । ବାଙ୍କ ସ୍ଥାପନ ବିଷୟରେ ପ୍ରଥମେ ଜିଲା ମାଜିଷ୍ଟ୍ରେଟମାନେ ସହାୟ ହେବେ ଓ ବାଙ୍କର ତତ୍ତ୍ୱାବଧାନ ନିମନ୍ତେ ପ୍ରତ୍ୟେକ ପ୍ରଦେଶରେ ଜଣେ ରେଜଷ୍ଟ୍ରାର ନିଯୁକ୍ତ ହେବେ । ସେ ପ୍ରତ୍ୟେକ ବାଙ୍କ ପରିଦର୍ଶନ କରିବେ ଏବଂ ଆବଶ୍ୟକମତେ ଉପଦେଶ ଓ ଆଦେଶ ଦେବେ ।

ଉପରଲିଖିତ ବ୍ୟବସ୍ଥାର ସୂତ୍ରପାତଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଗରିବ ପ୍ରଜାଙ୍କ ପ୍ରତି ପ୍ରଗାଢ଼ ସହାନୁଭୂତି ଓ ମଙ୍ଗଳ କାମନା ପରିଚୟ ମିଳୁଅଛି ଏବଂ ଗବର୍ଣ୍ଣମେଣ୍ଟ ଯେତେଦୂର ସମ୍ଭବ ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି ସନ୍ଦେହ ନାହିଁ । ଯେବେ ଏହି ବ୍ୟବସ୍ଥା ସଫଳ ହେବ ତେବେ ପ୍ରଜାମାନଙ୍କର ମିତବ୍ୟୟିତା ଓ ପରସ୍ପରର ସାହାଯ୍ୟ କରିବାର ପ୍ରବୃତ୍ତି ଜନ୍ମିବ ଏଥିରେ ମଧ୍ୟ ଦ୍ୱିରୁକ୍ତି ନାହିଁ । ମାତ୍ର କେତେଦୂର ସଫଳ ହେବ ବର୍ତ୍ତମାନ କହି ଯାଇ ନ ପାରେ । ପାଣ୍ଡୁଲିପି ଉପସ୍ଥିତ ଦଶା ମଧ୍ୟ ସଫଳତାର ଉଚିତ ଆଶା କରି [illegible] ଏବଂ ଏତଦ୍ୱାରା ପ୍ରଜାମାନଙ୍କର ସକଳ କଷ୍ଟ ଦୂର

Split by PDF Splitter
Digitized by srujanika@gmail.com

Split by PDF Splitter



ହେବ ନାହିଁ ଏ କଥା ମଧ୍ୟ ସ୍ୱୀକାର କରୁଅଛନ୍ତି । ମାତ୍ର ଏହା ଯେ ବଢ଼ିବାର ଯୋଗ୍ୟ ଏଥିରେ ଭିନ୍ନମତ ହୋଇ ନ ପାରେ ଏବଂ ବଢ଼ିବା ପ୍ରତି ସମସ୍ତଙ୍କର ସାହାଯ୍ୟ ଓ ଯତ୍ନ କରିବା ଉଚିତ । ଯାଣ୍ଡ୍ ଲିମିଟ୍ ଏକାନ୍ତ ମଙ୍ଗଳ ଚିନ୍ତା ଏବଂ ଦୂରଦର୍ଶିତା ସହକାରେ ପ୍ରସ୍ତୁତ ହୋଇଥିବାର ସ୍ପଷ୍ଟ ଜଣା ଯାଉଅଛି । ମାତ୍ର ଏହା ନିଃସ୍ୱାର୍ଥ ଭିତ୍ତି ଉପରେ ସ୍ଥାପିତ ହୋଇଥିବାରୁ ଏହାର ସଫଳତା ପ୍ରତି ଆମ୍ଭମାନଙ୍କର ସନ୍ଦେହ ହେଉଅଛି । ବର୍ତ୍ତମାନ ସମୟରେ ଲୋକେ ଏପରି ସ୍ୱାର୍ଥର ଦାସ ହୋଇଅଛନ୍ତି ଯେ ପ୍ରତିବାସୀ ବା ସମବ୍ୟବସାୟିଙ୍କର କଥା ଦୂରେ ଥାଉ ନିତାନ୍ତ ଆତ୍ମୀୟଜନର ସାହାଯ୍ୟ କରିବାକୁ କୁଣ୍ଠିତ ପୁଣି ଗ୍ରାମ୍ୟ ପ୍ରଜାଙ୍କର ପରସ୍ପରକୁ ସାହାଯ୍ୟ କରିବାର ଇଚ୍ଛା ଥିଲେ ମଧ୍ୟ ସେମାନଙ୍କ ସଙ୍ଗତି ନାହିଁ ଯେ ଏପରି ଟଣାଟଣି ଅବସ୍ଥାରେ ସ୍ୱଦଳର ହିତାର୍ଥେ କିଛି ଦେଇ ବାଙ୍କର ସୃଷ୍ଟି ପୁଷ୍ଟି କରିବେ । ଯେ ଶୃଙ୍ଖଳା କରି ଜିଲ୍ଲାରେ କମ୍ପାନୀ ପାରେ ସେ ତହିଁରୁ କିଛି ଲାଭ କରିବାକୁ ଚେଷ୍ଟା କରେ । ବାଙ୍କରେ ଅଂଶୀ ହେଲେ ସେ କିଛି ପାଇବ ନାହିଁ ମାତ୍ର ସେହି ପଇସା ଅନ୍ତତଃ ଡାକଘରର ସେଭିଂସବାଙ୍କରେ ଜମା କଲେ କିଛି ସୁଧ ପାଇବ । ଏପରିସ୍ଥଳେ ବାଙ୍କର ଲାଭରୁ କିଛି ଅଂଶ ନ ପାଇବାର ବ୍ୟବସ୍ଥା ଭଲ ହୋଇ ନାହିଁ । ଅଂଶୀମାନଙ୍କର ପ୍ରବୃତ୍ତି ଜନ୍ମାଇବା କାରଣ ଲାଭରୁ କିଛି ଅଂଶ ଦେବାର ବ୍ୟବସ୍ଥା ହେବା ଉଚିତ ।

---

# ସାପ୍ତାହିକ ସଂବାଦ ।

## କଲିକତା ଗେଜେଟ୍ ।

ବାବୁ ଉମେଶ ନାଥ ଘୋଷ ଏମ୍, ଏ କଟକ ରେଭେନସା କଲେଜର ପ୍ରୋଫେସର ପଦରେ ନିଯୁକ୍ତ ହେଲେ ।

ନୂଆପଡ଼ାର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ନିତ୍ୟାନନ୍ଦ ବୋଷ ଏକବର୍ଷର ଛୁଟି ପ୍ରାପ୍ତ ହେଲେ ।

କଟକର ଷ୍ଟେସନ ଷ୍ଟାଫ୍ ଅଫିସର ଓ କେଣ୍ଟୋନମେଣ୍ଟ ମାଜିଷ୍ଟ୍ରେଟ କାପ୍ତେନ ଏ, ଏ, କର୍ଣ୍ଣେଲ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ପୁରୀରେ ଥିବା ଇଞ୍ଜିନିୟରିଙ୍ଗ ଇନ୍ସପେକ୍ଟର ମିଃ ଏମ୍, ଏଚ୍, ଅକ୍ଲେଣ୍ଡ ନବ ଅନୁଷ୍ଠିତ ଜିଲ୍ଲାକୁ ବଦଳି ହେଲେ ।

କ୍ୟାମ୍ବେଲ ମେଡ଼ିକାଲ ସ୍କୁଲର ଅଧିଷ୍ଠାତା ଗତ ଅକ୍ଟୋବର ମାସ ହେଡ ଓ ଫାଇନାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ଘୋଷ କରିଅଛନ୍ତି ।

ଚନ୍ଦ୍ରକାନ୍ତ ଦାସ — ପୁରୀ ସିଭିଲ ଡାକ୍ତରଖାନା
ଭଗବାନ ଚନ୍ଦ୍ର ଦେ ଷ — ପୁରୀ ହେଲ ,,

---

ଏ ସପ୍ତାହରେ ମେଘ ଅଦୌ ନାହିଁ ଆକାଶ ପରିଷ୍କାର ଏବଂ ଶୀତ ପ୍ରବଳ ହୋଇଅଛି ।

ଏ ନଗରରେ ଏ ସପ୍ତାହରେ ଓଲାଉଠା ବଶେଷ ଜଣା ପଡ଼ୁଅଛି ଏବଂ ଜ୍ୱର ମଧ୍ୟ ଜଣାଅଛି ।

ମୋଫସଲର ଏକ ସ୍ଥାନରେ ଓଲାଉଠା ଲାଗିଥିବାର ଶୁଣାଯାଏ ।

ଅସ୍ମାନଙ୍କର ନୂତନ ଜଜ ଶ୍ରୀଯୁକ୍ତ ଇନ୍‌ସ ସାହେବ ଗତ ସୋମବାର ଦିବସ ନେଇ ପୁରୀରୁ କଟକ ଫେରିଛନ୍ତି ।

ପୁରୁଣା ଜଜ ମିଃ ସାହେବ ଦୁଇ ଏକ ଦିନରେ ଏଠାରୁ ପ୍ରସ୍ଥାନ କରିବେ ।

ଆମେରିକାର କମିଶନରମାନଙ୍କ ପ୍ରଦତ୍ତ ଅର୍ଥରେ ମୃତ ରାଣୀ ସ୍ମୃତି ଲେ ମହାରାଣୀ ଭିକ୍ଟୋରିଆଙ୍କର ପ୍ରତିମୂର୍ତ୍ତି ସ୍ଥାପିତ ହୋଇଅଛି । ଲର୍ଡ କମିଶନର ମ୍ୟାକଡୋନାଲ୍ଡ ସାହେବ ସେହି ପ୍ରତିମୂର୍ତ୍ତିର ଆବରଣ ଉନ୍ମୋଚନ କରିଅଛନ୍ତି ।

ମାନସ୍ୱପେରଣର ମେସିନଠାରୁ ମାଇଲ ୮୦ ଦକ୍ଷିଣ ପଶ୍ଚିମରେ ଭୂମିକମ୍ପ ହୋଇଥିଲା । ଭୂକମ୍ପନାମକ ସ୍ଥାନର ୮୦ ଜଣ ଲୋକ ମରିପଡ଼ିଅଛନ୍ତି । ଏବଂ ଅନେକ ଗାଁ ଦୁଆରଘର ଧ୍ୱଂସ ହୋଇଅଛି ।

ଗାନସ୍ୟାଧିପତି ରୁଷିୟାଠାରେ ପଡ଼ି ବର୍ଜନ ଦାହା ନ ଘଟେ ଅନୁରୋଧ କରି ଜାପାନ ଏବଂ ଚୀନର ପ୍ରାଦେଶିକ ଶାସନକର୍ତ୍ତାଙ୍କୁ ଏଥି ନିମନ୍ତେ ରୁଷିୟାର ପ୍ରେରଣ କରିଅଛନ୍ତି ।

ସୋମାଲିଦେଶରେ ଦୁଇଟା ଡାକଘର ସ୍ଥାପିତ ହେବ । ଭାରତବର୍ଷରୁ ଡାକବିଭାଗର କର୍ମଚାରୀମାନେ ପ୍ରେରିତ ହେବେ । ସୋମାଲିଦେଶ ଅଫ୍ରିକାଖଣ୍ଡରେ, ଭାରତବାସିଙ୍କୁ ନ ପଠାଇ ଶ୍ୱେତାଙ୍ଗମାନଙ୍କୁ ପଠାଇବାର ଉଚିତ ।

ରଙ୍ଗପୁର ମହିପାଳର ଜମିଦାର ଶ୍ରୀମତୀ ଜୟଦୁର୍ଗାଦେବୀ ଚୌଧୁରାଣୀ ରଙ୍ଗପୁରଠାରେ ଏକ ପଶୁ ଚିକିତ୍ସାଳୟ ସ୍ଥାପନ ନିମନ୍ତେ ୪ ହଜାର ଟଙ୍କା ଦାନ କରିଅଛନ୍ତି । ଏଥିନିମନ୍ତେ ଗବର୍ଣ୍ଣମେଣ୍ଟ ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି ।

ଯେଉଁସବୁ ଟଙ୍କାର ମୁଦ୍ରିତ ଅଙ୍କିତ ବା ଘସିଯାଇଅଛି ଓ ଯେ ସବୁ ଟଙ୍କା କ୍ଷୟ ପ୍ରାପ୍ତ ହୋଇଅଛି, ତାହା ଗବର୍ଣ୍ଣମେଣ୍ଟ ଫେରାଇନେଇ ନୂତନ ଟଙ୍କା ଦେବା ବିଷୟ ବିବେଚନା କରୁଅଛନ୍ତି । ପୁରୁଣା ଟଙ୍କା ବଜାରରେ ଚଳିବା ବନ୍ଦ କରିବାର କଥା ହେଉଅଛି ।

ଜର୍ମାନିର ସମ୍ରାଟଙ୍କ ଗଳାରେ ଏ କମାର ଜାତ ହେବାରୁ ଡାକ୍ତରମାନେ ତାହାର ଅସ୍ତ୍ରଚିକିତ୍ସା କରିଅଛନ୍ତି । ସମ୍ରାଟ କ୍ରମଶଃ ଆରୋଗ୍ୟ ଲାଭ କରୁଅଛନ୍ତି ମାତ୍ର ସେ ଦମାର ବିଷୟ ପ୍ରକାଶ କରିବାରୁ ଡାକ୍ତରମାନଙ୍କ ମନ ହୋଇଥିବାରୁ ଗୁରୁତର ବମାର ସନ୍ଦେହ ହୁଏ ।

ପୁନାଠାରେ କେତେକ ଲୋକ ମିଳି ଗୋଟାଏ ଘରରେ କୃତ୍ରିମ ମୁଦ୍ରା ପ୍ରସ୍ତୁତ କରୁଥିବା ସମୟରେ ଧରାପଡ଼ି ଚାଲାଣ ହୋଇଅଛନ୍ତି । ପ୍ରାୟ ୧୫୦ ଟି କୃତ୍ରିମ ମୁଦ୍ରା ଧରାପଡ଼ିଅଛି ।

ବଙ୍ଗଳାର ନଦୀଆଠାରେ ଜଣେ ସ୍ତ୍ରୀ ହିଂସାପରବଶ ହୋଇ ପତିଙ୍କଠାରୁ ଅପଣାର ସଉତୁଣୀକୁ ହାଣିଥିବାରୁ ମାସ ୫ ର କାରାଦଣ୍ଡ ପାଇଥିବାର ସମ୍ବାଦ ମିଳଇ ।

ଦକ୍ଷିଣ ଅଫ୍ରିକାର ଟ୍ରାନ୍ସଭାଲ ଦେଶରେ ରେଲଗାଡ଼ିରୁ ଡକାୟତି ପାଇଁ ଶେଷ ହୋଇଥିବାର ସମ୍ବାଦ ମିଳଇ । ରେଲଗାଡ଼ି ଚଳୁଥିବା ସମୟରେ ଦୁଇଜଣ ଲୋକ ତହିଁମଧ୍ୟରୁ ଡେଇଁପଡ଼ି ପ୍ରହରୀମାନଙ୍କୁ ଅଟକାଇ ରଖି ଏରେ ଅଧିକ ସରକାରୀ ଟଙ୍କା ନେଇଗଲେ ।—ଧନ୍ୟ ଏମାନଙ୍କ ସାହସ ।

## ପୁଲିସ ସମ୍ବାଦ

ବାବୁ ଜଗବନ୍ଧୁ ପଟ୍ଟନାୟକ ପୁରୀ ମିଉନିସିପାଲିଟିର ଭାଇସ୍‌ଚେୟାରମାନ କାର୍ଯ୍ୟ ପରିତ୍ୟାଗ କରିବାରୁ ବିଜଳ ବାବୁ ହରିହର ମିଶ୍ର ଏହି କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

ନୂତନ ମାଜିଷ୍ଟ୍ରେଟ ମିଃ ବ୍ରାଉନ୍‌ହିଲ୍ ସାହେବ ମହୋଦୟ ଗତ ତା ୧୧ ରିଖେ କାର୍ଯ୍ୟ ଭାର ଗ୍ରହଣ କରିବାରୁ ମିଃ ଡେଭିଡ଼୍ ସାହେବ ଏଠାରୁ ପ୍ରସ୍ଥାନ କରିଅଛନ୍ତି ଏବଂ ନୂତନ ପୁଲିସ ସାହେବ ମିଃ ଓ୍ୟାକର୍ ଓ ନୂତନ ସିଭିଲସର୍ଜନ ମିଃ ଓ୍ୟାଟର୍ ସାହେବମାନେ ଆସି ସ୍ୱ ସ୍ୱ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ଏବର୍ଷ ମେନେଜର ମହୋଦୟଙ୍କ ଯତ୍ନରୁ ଗତ କାର୍ତ୍ତିକ ମାସର ରଥ ଯାତ୍ରା ସମ୍ବନ୍ଧ ଓ ଶୃଙ୍ଖଳା ରୂପେ ସମାଧ ହୋଇଅଛି ।

ଗତ ପଞ୍ଚକଯାତ୍ରାରେ ପ୍ରାୟ ଦଶହଜାର ବଙ୍ଗାଳୀ ଯାତ୍ରୀ ହୋଇଥିଲେ । ରାସ ପୂର୍ଣ୍ଣିମା ଦିନ ଅନୁମାନିକ ସବଂମୁଦ୍ଧା ୫୦ ହଜାର ଯାତ୍ରୀ ହୋଇଥିଲେ । ସମୁଦ୍ର ସ୍ନାନ ସମୟରେ ପୋଲିସ ବନ୍ଦୋବସ୍ତରେ ତ୍ରୁଟି ନ ଥିଲା ।

ଏହି କେତେକ ଦିନ ଓଲାଉଠାରେ ୯୧୫ ଜଣ ଲୋକ ମରି ପଡ଼ିଅଛନ୍ତି । ବର୍ତ୍ତମାନ ବହୁପରିମାଣରେ ଶାନ୍ତି ଅଛି ।

ଗତ ତା ୭ ରିଖ ଶନିବାର କାର୍ତ୍ତିକ ପ୍ରତିମାମାନଙ୍କର ହିନ୍ଦୁ ବାଜରେ ମିଳନ ହୋଇଥିଲା ।

ଏ ବର୍ଷ ଅପେକ୍ଷାକୃତ ମୂର୍ତ୍ତି ସଂଖ୍ୟା ଅଧିକ ଥିଲା । ସର୍ବମୁଦ୍ଧା ପ୍ରାୟ ଗୋ ୨୦ ଟି ପ୍ରତିମା ମଧ୍ୟରୁ ଗୋ ୪।୫ ଟି ମୂର୍ତ୍ତିର ଗଠନ ଓ ସାଜସଜ୍ଜା ଉତ୍ତମ ଥିଲା । ତିନି ସ ୯ ଘଣ୍ଟା ମଧ୍ୟରେ ପ୍ରତିମାମାନେ ଜଳଶାୟୀ ହୋଇଥିଲେ ।

ଏହିଦିନ ବର୍ଷା ଓ ସାମାନ୍ୟ ପବନ ହୋଇଥିଲା । କିନ୍ତୁ ସନ୍ଧ୍ୟାରେ ଛାଡ଼ି ଯାଇଥିବାରୁ ପ୍ରତିମା ମିଳନରେ ବ୍ୟାଘାତ ଘଟି ନ ଥିଲା ।

ସେହିଦିନଠାରୁ ବର୍ଷା ଛାଡ଼ି ଯାଇ ସମେତ ଶୀତ ପଡ଼ିଅଛି ।

ଗତବର୍ଷ ଏହି ସମୟରେ ଜ୍ୱରର ଯେପରି ପ୍ରାବଲ୍ୟ ଥିଲା ଏବର୍ଷ ତଦପେକ୍ଷା ବହୁପରିମାଣରେ ଊଣା ଅଛି । କିନ୍ତୁ କେହି କେହି ସାମାନ୍ୟ ଜ୍ୱର ଭୋଗୁଅଛନ୍ତି ।

କଲିକତା ସୁପ୍ରିମ ଚକା ସର୍ କୋମ୍ପାନୀମାନଙ୍କଠାରୁ ଗତ ତା ୧୭ ରିଖେ ପର୍ଯ୍ୟନ୍ତ ଚର୍ଣ୍ଣନାଦ କାର୍ଯ୍ୟ ଚଳିତ ସ୍ଥଳ ପ୍ରଦାନ ଜେଲ ଯୋଗେ ପ୍ରେରଣ କରୁଅଛନ୍ତି ।

ଆଜକାଲି ସାଧାରଣ ନୂଆ ଚାଉଳ ଟଙ୍କାରେ ସେ ୧୦ ଓ ପୁରୁଣା ସେ ୧୦ ଦରରେ ବିକ୍ରୀ ହେଉଅଛି ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଚନ୍ଦ୍ରଶେଖର ମିଶ୍ର—ଢେଙ୍କାନାଳ ମହାଲ-କ୍ଷ୍ମୀପୁର ଶାସନ ବ୍ରାହ୍ମଣମାନେ ଗୋଟିଏ ଯଜ୍ଞ କରିଥିବାର ବିବରଣ ଲେଖିଅଛନ୍ତି । ଏ ଯଜ୍ଞର ନାମ ଉଦ୍‌ବାରୁଣୀଯଜ୍ଞ ଏବଂ ଅନାବୃଷ୍ଟି ନିବାରଣ ଏହାର ଉଦ୍ଦେଶ୍ୟ ଅଟେ । ଢେଙ୍କାନାଳରାଜାଙ୍କ ନାମରେ ସଙ୍କଳ୍ପ କରାଯାଇ କାର୍ତ୍ତିକ ଏକାଦଶୀରେ ଆରମ୍ଭ ଏବଂ ପୂର୍ଣ୍ଣିମାରେ ଶେଷ ହୋଇଅଛି । ରାଜା ଏବଂ ରାଜକର୍ମଚାରୀମାନେ ଏବଂ ସାଧାରଣ ଲୋକ ଏଥିରେ ସାହାଯ୍ୟ କରିଥିଲେ ଓ ଦଶଅଯୁତ ସଂଖ୍ୟକ ଆହୁତି ପ୍ରଦତ୍ତ ହୋଇଥିଲା । ପୂର୍ବବର୍ଷ ଏହି ଯଜ୍ଞ ହେବାର ବର୍ଣ୍ଣିତ ହୋଇଅଛି ।

ଶ୍ରୀ ରଘୁନାଥ ମହାନ୍ତି—ମଧୁପୁର କଣ୍ଟାର ରାସଯାତ୍ରା ମହୋତ୍ସବର ବିବରଣ ଲେଖିଅଛନ୍ତି । ଉକ୍ତ ବାର୍ଷିକ ମହୋତ୍ସବ ପାଞ୍ଚଦିନ ହୋଇଥିଲା ଏବଂ ସହସ୍ରାଧିକ ସାଧୁ ନିମନ୍ତ୍ରଣରେ ଉପସ୍ଥିତ ହୋଇଥିଲେ । ସେମାନଙ୍କର ବସା ଭୋଜନ ଇତ୍ୟାଦି ରାଜ୍ୟରେ ରାଜାଙ୍କ ପକ୍ଷରୁ କିଛି ତ୍ରୁଟି ହୋଇ ନ ଥିଲା । ଦର୍ଶକ ପ୍ରାୟ ଦଶସହସ୍ର ହୋଇଥିଲେ ଏବଂ ସେମାନଙ୍କର ମନୋରଞ୍ଜନ ନିମନ୍ତେ ବହୁବିଧ ସଙ୍ଗୀତ ଓ ଯାତ୍ରାଦଳ ସମବେତ ହୋଇଥିଲେ ।

Digitized by srujanika@gmail.com

ଜନୈକ ପୁରୀବାସୀ—ପୁରୀ ଶ୍ରୀ ଜଗନ୍ନାଥଦେବଙ୍କର ଏକ ଶ୍ରେଣୀର ସେବକଙ୍କର ଅତ୍ୟାଚାରର କଥା ଲେଖିଅଛନ୍ତି । ଯାହାଙ୍କ ଉପରେ ଅତ୍ୟାଚାର ହେଉଅଛି ସେମାନଙ୍କ ମଧ୍ୟରୁ କେହି ଗୁହାରି ନ କଲେ ପୁଲିସ ଅଥବା ମାଜିଷ୍ଟ୍ରେଟ ସାହେବ କିପରି ଦମନ କରିବେ ବୁଝାଯାଉ ନାହିଁ

ସନ୍ତାଣ—ନାମ ଧାମ ନ ଥିବାରୁ ଅଗ୍ରାହ୍ୟ ହେଲା ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ—

ମହାଶୟ,

ବ୍ରହ୍ମପୁର ବାଣପୋଡ଼ାବିଷୟକ ସମ୍ପାଦକୀୟ ମତକୁ 'ପ୍ରଜାବନ୍ଧୁ'ର ମତ ବୋଲି ଆପଣ ସାଧାରଣରେ ପ୍ରକାଶ କରିଥିବାର ଦେଖି ଦୁଃଖିତ ହୋଇଅଛି । ମୁଁ ଆଶା କରେଁ ଆଗାମୀ ସଂଖ୍ୟା ପତ୍ରରେ ଆପଣ ଅପଣାର ଏ ଭ୍ରମ ସଂଶୋଧନ କରିବେ ।

ସମ୍ପାଦକୀୟ ସମ୍ଭବତଃ ବାଣପୋଡ଼ାର ଉପକାର ଅପେକ୍ଷା ଅପକାରକୁ ଅଧିକ ମନେ କରି ପ୍ରସ୍ତାବ ଲେଖିଅଛନ୍ତି ।

ଆପଣଙ୍କର
ଶ୍ରୀ ନୀଳମଣି ବିଦ୍ୟାରତ୍ନ
ପ୍ରଜାବନ୍ଧୁ ସମ୍ପାଦକ ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଭଗବାନ ପାଣିଗ୍ରାହି | ବୁଗୁଡ଼ା | ଟ ୩ ୧ |
| „ ଦାମୋଦର ମହାପାତ୍ର | କଟକ | ଟ ୧ |
| „ ରଘୁମଣି ଦାସ | ଗୋପୀନାଥପୁର | ଟ ୧୮ |
| „ ସାଧୁଚରଣ ଖାନ୍ଦ | କଟକ | ଟ ୧ |
| „ ଜଗନ୍ନାଥ ଦାସ | କଉଶମଠ ପୁର | ଟ ୩ |
| „ ନୀଳମୋହନ ସିଂହ ନୂଆମଣି ପୁର | | ଟ ୩ |
| „ ଧନଞ୍ଜୟ ମିଶ୍ର ହେଡ଼ପଣ୍ଡିତ | କଟକପୁର | ଟ ୧ |
| „ କବିବିଦ୍ୟାଧର ମିଶ୍ର | କଟକ | ଟ ୨ |
| „ ଚତୁର୍ଭୁଜ ମିଶ୍ର | ଅତ୍ରପଡ଼ା ପୁର | ଟ ୧ |

## ନୂତନ ! ନୂତନ ! ନୂତନ ।

ଛାତ୍ରଗଣୁପ୍ରତୀତା ଟୀକାସହିତ ୪୫ ଅଧ୍ୟାୟ ଟଂ୍ୟ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

## ନୂତନ ଲେଖିବାର କାଳୀ ।

ଲେଖିବା ସମୟରେ ନୀଳ ସୁଖିଗଲେ କଳା ହୁଏ । ନମୁନା ବିନା ଶୁଳ୍କରେ ପଠାଇ ଦିଆଯାଏ ।

ପ୍ରାପ୍ତିସ୍ଥାନ ।
ଏଲ, ଦେ, ବାଲେଶ୍ୱର

ମୟୂରଭଞ୍ଜ ଷ୍ଟେଟ ସଜାଶେ ୫୧୦ ଣ ପୋଲିସ ରାଇଟର୍ କନଷ୍ଟେବଲ୍ ମୁକରର ହେବା ଆବଶ୍ୟକ ଯେଉଁମାନେ ଇଂରାଜୀ ମାଇନର ପରୀକ୍ଷୋତ୍ତୀର୍ଣ୍ଣ, ନିର୍ଦ୍ଦୋଷ ସ୍ୱଭାବ, ବ ୨୨ ବର୍ଷରୁ ଊର୍ଦ୍ଧ୍ୱ ଏବଂ ବ ୩୦ ବର୍ଷରୁ ନ୍ୟୂନ ବୟସ୍କ, ଉଚ୍ଚ ଫୁ ୫୬ ଇଞ୍ଚ, ଛାତି ଓସାର ଇ ୩୨ ଓ, ଏବଂ ନିରୋଗ ଶରୀର ଥିବେ ସେମାନେ ଆପଣା୨ର (କୌଣସି ସରକାରୀ କମ୍ମା ପୋଲିସ କାର୍ଯ୍ୟ କରିଥିବାର) ସାର୍ଟିଫିକେଟ ଓ ପ୍ରଶଂସାପତ୍ର ସହିତ ପ୍ରାର୍ଥନା ଦରଖାସ୍ତ ଚଳିତ ନବେମ୍ବର ମାସ ତା ୩୦ ରିଖ ସୁଧା ନିମ୍ନ ଠିକଣାରେ ପଠାଇବେ । ମାସିକ ବେତନ ବର୍ତ୍ତମାନ ଟ ୮ ଙ୍କା ଏବଂ ଟ ୧୦୯ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବ ।

| | |
|---|---|
| ୬।୧୧।୧୯୦୩ ସାଲ<br>ମୟୂରଭଞ୍ଜପୋଲିସ<br>ଅଫିସ ବାରିପଦା | Sd. H. B. KIDDELL,<br>*Supdt. of Polies*<br>Mourbhanj. |

## ପାରିଜାତହରଣ ନାଟକ ।

ଅତି ମନୋହର ନାନାରସପୂର୍ଣ୍ଣ ଭଲ୨ ଗୀତ ସୁନ୍ଦର ମନୋମୁଗ୍ଧକାରୀ ବର୍ଣ୍ଣନା ପଢିବାକୁ ଆରମ୍ଭ କଲେ ଶେଷ ନ କରି ଛାଡ଼ିପାରିବ ନାହିଁ । ଏଥିରେ ସତ୍ୟଭାମାଙ୍କର ବିରହ ଓ ସପତ୍ନୀ ହିଂସା । ନାରଦଙ୍କର ଚତୁରତା, ରୁକ୍ମିଣୀଙ୍କର ମହତ୍ତ୍ୱ, ଇନ୍ଦ୍ର ଓ ଶ୍ରୀକୃଷ୍ଣଙ୍କର ସମର, ଅପସରାମାନଙ୍କର ସୁଲଳିତ ଗୀତ, ସାତ୍ୟକିର ବୀର ରସୋଦ୍ଦୀପକ ବକ୍ତୃତା, କାମଦେବଙ୍କର ପିତୃଭକ୍ତି, ମଝୁଆଳ ଗୌଡ଼ଦାରମାନଙ୍କର ବେଲ ଓ ପରିଶେଷରେ ଉଦ୍ଧବଙ୍କର ପ୍ରଗାଢ଼ ହରିଭକ୍ତି ଓ ହରିନାମର ମହାତ୍ମ୍ୟ ପାଠ କରି ନିଶ୍ଚୟ ମୋହିତ ହେବ । କଟକ ପ୍ରିଣ୍ଟିଂ କମ୍ପାନୀଙ୍କର ଦରଗାବଜାର ଶାଖାଦୋକାନରେ ମିଳେ ।

ମୂଲ୍ୟ ପ୍ରତିଖଣ୍ଡକୁ ଟ ୦ ।୨

## ନୂତନ ! ନୂତନ ! ନୂତନ
## "ନ ବ ର ତ୍ନ ମୁ ଦ"

ମୂଲ୍ୟ ଟ  ମୂଲ୍ୟ ଟ ୨

ନାରୀମାନଙ୍କର ଶୋଭାକର ଏହି ମୁଦି ଦେଖିବାକୁ ଗୋଟିଏ ସୁନ୍ଦର ଫୁଲକଢ଼ି ପରି । ଦର୍ଶକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଲାଗି ଏହାର ଚତୁର୍ଦ୍ଦିଗରେ ନଅଟି ନକଲ ପଥର ଖଞ୍ଜା ହୋଇ ଉଜ୍ଜ୍ୱଳ ପ୍ରକାଶ କରୁଅଛି । ଏହା ଖାଣ୍ଟି ଇଂରାଜି ରସାୟନିକ ସ୍ୱର୍ଣ୍ଣରେ ନିର୍ମିତ । ଏବଂ ପର ବାହାରେ ଇଂରାଜି ଡାଇରେକ୍ଟର ନିକଟରୁ ଆନୀତ । ଏତିକି ବୋଧିଦେବା ଅମ୍ଭମାନଙ୍କ ପକ୍ଷରେ ପ୍ରଚୁର ଅଟେ । ଏହାର ରଙ୍ଗ ଓ ଉଜ୍ଜ୍ୱଳତା ସମ୍ବନ୍ଧରେ ଅମ୍ଭେମାନେ ନିଶ୍ଚୟ କହୁଅଛୁ ଯେ ଗ୍ରାହକମାନେ

ପ୍ରକୃତ ସୁନାମୁଦିପରି ଏହାକୁ ବ୍ୟବହାର କରନ୍ତୁ । ତେଲ କମ୍ବା ଜଳ ଲାଗିଲେ ଏହାର ରଙ୍ଗ ବା ତେଜ ନଷ୍ଟ ହୁଏ ନାହିଁ । ଯଦି ଦୈବାତ୍ ରଙ୍ଗ ମଳିନ ହୋଇଯାଏ ତେବେ ଟିକିଏ ଚକ୍ ଖଡ଼ି ଗୁଣ୍ଡରେ ମାଜି ଦେଲେ ପୁଣି ଉଜ୍ଜ୍ୱଳ ହୋଇ ଯିବ । ଲୋକେ ମନେ କରିବେ ଏହି ଅଙ୍ଗୁଠିର ମୂଲ୍ୟ ଟ ୨୦୦୦ ଙ୍କା ।

ଏହାର ବିକ୍ରୟ ମୂଲ୍ୟ ଟ ୨ ଙ୍କା ମାତ୍ର । ଏକ ଡଜନ ବା ଗୋ୧୨ଟାକୁ ଟ ୨୪ ଙ୍କା । କେହି ଏକ ଥରେ ଏକଡଜନ କିଣିଲେ ବିନାମୂଲ୍ୟରେ ରୂପାର ଗୋଟିଏ "ରିଷ୍ଟଲେଟ ଓ୍ୟାଚ" ଅର୍ଥାତ୍ ବଳା ପରି ହାତରେ ପିନ୍ଧିବାର ଘଡ଼ି ପାଇବେ । ଅଧ ଡଜନର ଖରିଦଦାର ବିନାମୂଲ୍ୟରେ ନିକେଲର ଗୋଟିଏ ଓ୍ୟାଚ୍‌କେସ୍ ଲଗାଯିବାର ଶୂନ୍ୟଘଡ଼ି ଓ ଗୋଟିଏ ଚେନ୍ ପୁରସ୍କାର ସ୍ୱରୂପ ପାଇବେ ।

## କଳବାନ୍ଧ ଘଣ୍ଟିକା ଘଡ଼ି



ଏହି କଳାନ୍ତ ସ୍ଥଳର ବଇଠକ ଘଡ଼ି ମେଜ ଭୂଷଣ ଓ ସମୟ ଜ୍ଞାପକ ସ୍ୱରୂପ ଦୁଇଗୋଟି କାର୍ଯ୍ୟ ସାଧନ କରେ । ଗୃହଲକ୍ଷ୍ମୀ ବିଶେଷ୍ଟ ନିକେଲ ରୂପାର ଢଙ୍କଣ ଗୋଲାକାର ଆଧାର ମଧ୍ୟରେ ଘଡ଼ି ଖୋଲିଲେ ଏହାର ସମ୍ମୁଖ ଭାଗରେ ଗୋଟିଏ ସ୍ତ୍ରୀ ଅର୍ଦ୍ଧ ମୂର୍ତ୍ତି ଦେଖାଇ ବଡ଼ କଉତୁକରେ ଆଖି ଠାରୁଥାଏ ।

ମୂଲ୍ୟ ଟ ୩୫ ଙ୍କା

ସେହିପରି ଗୋଟିଏ ସ୍ତ୍ରୀ ସିତାର ବଜାଉଥିବା ଘଡ଼ିର ମୂଲ୍ୟ ଟ ୩୫ ଙ୍କା ।

ଗ୍ରାହକମାନଙ୍କୁ ଇଂରାଜରେ ଚିଠି ଓ ଫରମାସ ପଠାଇବାକୁ ପ୍ରାର୍ଥନା କରୁଅଛି । ନାମ ଧାମ ସ୍ପଷ୍ଟ କରି ଲେଖିବା ହେବେ । ଭି, ପିରେ ଦ୍ରବ୍ୟ ପଠାଇବୁ ମାତ୍ର ଡାକମାଶୁଲ ଭି, ପି, ଇତ୍ୟାଦି ଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

S. FRA K & Co

ଓ୍ୟାଚମେକର ଏବଂ ଜୁଏଲରସ
ନ ୧୬ ମ୍ବର କପାଳି ଟୋଲା
ବହୁବଜାର କଲିକତା

Digitized by srujanika@gmail.com

ବିଜ୍ଞାପନ ।

ଅଣ୍ଡ ଡାକ୍ତରଙ୍କ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ !

ଦୟା ଜଗତର ନୂତନ ଅବତାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

# DANZIN

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ କେତେଗୁଡ଼ିଏ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଆଯୁରଣ, ଫଷ୍ଫରସ ଓ ଡାମିୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରଦର୍ଶିତାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ ହୋଇଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭକୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ

ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏକାବେଳେ ଦୂରୀଭୂତ କରିଦେଇଅଛି ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ଡ୍ୟାନଜିନ ରୋଗ ଚାପି ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜିନର ଗୁଣ ସ୍ଥାୟୀ ।

ଡ୍ୟାନଜିନରେ—ମଦ, ଅଫିମ, ଷ୍ଟ୍ରିକନିୟା, ମାର୍କାରୀ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା କ୍ଷାରକ ପଦାର୍ଥର ସଂସ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର ତତ୍କ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀରରେ ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଯ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଝୁଣାପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତିଷ୍କରା, ମୁଣ୍ଡବୁଲା, ଘୁସୁଘୁସିଆ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, କଷ୍ଟରଜ, ବୃଦ୍ଧୁହାଲୀତ ପେଟରେ ବେଦନା ଓ ତଳପେଟ ଇତ୍ୟାଦି ।—ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।—ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଚାଘା, ନାଳିଘା ନାସୂର, ଭଗନ୍ଦର, ଖାଣ୍ଟୁ କୁଣ୍ଡିଆ ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠି ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧।। ୩ବୋତଲ ଟ ୪୲୦, ୬ବୋତଲ ଟ ୭୲୦ ଓ ୧୨ବୋତଲ ଟ ୧୪୲୦ ଡାକ ଖର୍ଚ୍ଚ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ବୋତଲ ଟ ୦ ।୵ ଅଣା ।

L. B. G. & Co. Calcutta Registered Telegraphic address "DANZIN" CALCUTTA.

ସୋଲ ଏଜେଣ୍ଟ—ଲଣ୍ଡ୍ରିଅ, ବର୍ମୀ, ସିଲୋନ, ଏଲ, ବି, ଜି, ଏଣ୍ଡ କୋଂ କଲିକତା

---

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର କ୍ଷାରକ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୵ ଡଜନ ଟ ୨।। ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ୵

ଡାକ୍ତର ମାର୍ଟିନଙ୍କର "ଅଦ୍ଭୁତ ମଲମ"।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲୦ ଡଜନ ଟ ୧୦୲ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୵

ଏଜେଣ୍ଟସ—ଏଲ, ବି, ଜୀ ଏଣ୍ଡ କୋଂ କଲିକତା


Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନରେ ରଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇଆସୁଛୁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ଢେଙ୍କାନାଳ, ସରେଇକଳା ସୋନପୁର, ପାଟଣା, ଖଣ୍ଡପଡ଼ା, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର ବରଲାକୋଟ, ଝଣ୍ଡଜୟପୁର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଟୋପି, ଦୋପଟ୍ଟା, କିଂଖାପ, ବାପ୍ତା, ସଙ୍ଗୀ; ଦୋପଟ୍ଟା ମଶୀଲ, ଶିରରେ ବାନ୍ଧିବାର ଫେଟା, ରୁମାଲ ଶାଲ ଏବଂ ନାନା ପ୍ରକାର ଜରିଦାର ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ ଦନ୍ତର-ଦାଉଦା ପ୍ରଭୃତି ବସ୍ତୁର ଅନୁସାରେ ତିଆର କରି ଦେଉଁ । ବସ୍ତୁ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ ବା ଉପାୟରେ (ଅର୍ଥାତ ଡାକରେ ବା) ରେଲରେ ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଆମ୍ଭର ଏଜଣ୍ଟ ସେଖ ଉଆହେଦଲ ଓଡ଼ିଶା ଗଡ଼ଜାତମାନଙ୍କରେ ଭ୍ରମଣ କରନ୍ତି । ତାହାଙ୍କ ସଙ୍ଗେ ଅନେକ ବନାରସୀମାଲ ପ୍ରସ୍ତୁତ ଥାଏ ଓ ଯାହା ନ ଥିବ ଫରମାସ ଦେଲେ ସେ ଅବିଳମ୍ବେ ଯୋଗାଇ ପାରିବେ । ତାହାଙ୍କପାଖରେ ହୁଣ୍ଡୀ ରୂପାର ତୁଳସି (ଟେଣ୍ଡଲ) ଅଛି ଓ ତହିଁଉପରେ ଘୂରାର ନାମ ହୋଇଅଛି । ମୂଲ୍ୟ ଏକଗୋଟାକୁ ଟ ୨୦୦ ଙ୍କା

ଶ୍ରୀ ପାଲୁମାଲ ସ୍ୱୋଲାନାଥ
କୃଷ୍ଣଗଳ ଫାଟକ ବନାରସ ସିଟି






ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବିଶ୍ୱବିଖ୍ୟାତ ସେହି **ଇଲେକ୍ଟ୍ରୋ ସାଲସା** ଆଦ ଓ ଅତୁଳନ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ;

ଚଉଦଶାଇତରେ ଜନପ୍ରିୟ ହୋଇଅଛି । ଏହା ରକ୍ତଦୁଷ୍ଟିର ବୃଦ୍ଧି, ପାରଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗର ଭରସା, ସ୍ନାୟୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅତୁଳନୀୟତାର ଜାଜ୍ୱଲ୍ୟ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରଜା ସାର ସୁରଳଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※※※ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍ଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତ ଦୁଷ୍ଟି ହେତୁ ସମସ୍ତ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରଜା-ରାମଚନ୍ଦ୍ର ଦେଓ ରେଢ଼ାଖୋଲରୁ ଲେଖିଅଛନ୍ତି—"※※※ ବିଜ୍ଞାପନର ମୋହରେ ପଡ଼ି "ଡ୍ୟାନଟନ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା ସେଥିରେ ପାର ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍ଟ୍ରୋ ସାଲସାର ଗୁଣ ମୁଁ ସୁଝି ପାରୁ ନାହିଁ । ମୋତେ ଆଉରି ୩ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଣୀ-ଦରବର ମର୍ଦ୍ଦରାଜ ଦେଓ ଖଇକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

ପ୍ରାପ୍ତିସ୍ଥାନ—ଡବଲିଉ, ମେଜର ଏଣ୍ଡ କୋମ୍ପାନୀ କଲିକତା, ତଥା ବୋମ୍ବାଇ ।


Digitized by srujanika@gmail.com



[illegible]ଲୁଇ ମେଜର ସାହେବଙ୍କର ଅଦ୍ଭୁତ ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କର ଅନୁଜ୍ଞାନୁସାରେ ରେଜେଷ୍ଟ୍ରୀକୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!

ଅଦ୍ଭୁତ ଓ ଅଦ୍ଵିତୀୟ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ [illegible] ବିଲାତି ସାଲସା ବା ଡ୍ୟାକ୍‌ଟର ପ୍ରଭୃତି [illegible]କୌଣସି ପ୍ରକାର ଔଷଧ ସେବନ କରିବାକୁ [illegible]ହେବ ନାହିଁ ଅଉ କାହାରିକୁ ରୋଗଯନ୍ତ୍ରଣା [illegible]ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା—ନିଜ ଗୁଣରେ [illegible]ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର [illegible]କରିଅଛି ।

ଇଲେକ୍‌ଟ୍ରୋ ସାଲସା:—ପ୍ରତ୍ୟହ ସେରୂପ [illegible]ହଜାର ହଜାର ଶିଶି ବିକ୍ରୟ ହେଉଅଛି ଦେଶ ବିଦେ-[illegible]ରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର [illegible] କରିଅଛୁ ଓ କରୁଅଛୁ ।

ଇଲେକ୍‌ଟ୍ରୋ ସାଲସା:—ନବୋଦ୍ଭାବିତ ଉପା-[illegible]ୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-[illegible]ଶକ୍ତି ସଂଯୋଗ ହୋଇଥିବାରୁ ଏହାର ବିନ୍ଦୁ [illegible] ଅଦ୍ଭୁତ ବେଗରେ ସର୍ବ ଶରୀରରେ [illegible] ହୋଇପଡ଼େ ଏବଂ ତାହାର ଆରୋଗ୍ୟ-[illegible]ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବ-[illegible] ଦମନ କରିଦିଏ । ୨।୧ ମାତ୍ରା ସେବନ [illegible] ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ [illegible]ଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର [illegible] ପର୍ଯ୍ୟନ୍ତ ଉତ୍ପାଟିତ କରି ନବ ସ୍ୱାସ୍ଥ୍ୟ ନବ [illegible] ଓ ନବ ଜୀବନର ପ୍ରାପ୍ତ କରାଇଦିଏ

ଯୌବନକାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା:—ବ୍ୟତୀତ ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିକ୍ରୀତ ହେଉଥିବା କି ସ୍ୱଦେଶୀ କି ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ । ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ତାଙ୍କ ଉଣେ ନାହିଁ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇ-ଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଳାବିତ ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି, ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତାକିଦ୍ ତାକିଦ୍ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ଡାକ୍ତରଖାନାରେ ଉପ-ଯୁକ୍ତ ରୋଗିକୁ ଏହି ସାଲସା ବ୍ୟବସ୍ଥା କରା ଯାଉଅଛି । ଅସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଏକାଧାରେ ଏତେ ଅଧିକ ଗୁଣସ-ମ୍ପନ୍ନ ଔଷଧ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା--ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଟ ଗଣ୍ଠି ଫୁଲିବା କୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡଆଣ, ଛୁଲି ଗରମି ଓ ପାରଦର ଘା, ନାକ ଓ ନାଉର ଘା ଦେହରେ ବା ହସ୍ତ ଓ ପାଦତଳରେ ଦାଗ ଗରମିର ଘାଦା ବା ଚକାଚକ୍ତା, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ଘାଆ ଓ ଗରମି ବିଷର ଚିହ୍ନ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର-କାଳରୁ ଶୁକ୍ର ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ଜମା ମଳବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ୱର-ଶକ୍ତିହୀନ, ମୂର୍ଚ୍ଛା ଯାଇବା, ଚିତ୍ତର ଅସ୍ଥିରତା, ନିର୍ଜନପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା:—ର ଗୁଣାବଳୀ ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସ ପ୍ରକାର ବିଷାକ୍ତ ଦ୍ରବ୍ୟର ସଂସ୍ରବ ନାହିଁ ! ସୁସ୍ଥ ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରିପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

"ଇଲେକ୍‌ଟ୍ରୋ ସାଲସା" ଭୂମ୍ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀମୁଦ୍ଧା ଆନ୍ଦାଜ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପୁସ୍ତକା-କାରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକଗ୍ରାହକ ତାହାପାଇବେ

ମୂଲ୍ୟ ପ୍ରତି ଶିଶି ଟ ୨୧ ୬ଶିଶି ଟ ୧୨

୧୨ଶିଶି ଟ ୧୫ ଡଜନ ଟ ୨୦୧

ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକ୍‌ଟ୍ରୋ ସାଲସାର ;—ଆବିଷ୍କର୍ତ୍ତା— ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ହାଉସ୍ପର୍ଟ ଆମେରିକା । ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;— 'ଡବଲିଉ, ମେଜର:ଏଣ୍ଡ କୋମ୍ପାନି," କଲିକତା

Digitized by srujanika@gmail.com

## ବିଜ୍ଞାପନ ।



ବାତ ରୋଗର ଏହା ଦୈବଶକ୍ତି ସମ୍ପନ୍ନ ଔଷଧ ବୋଲି ବହୁ ଲୋକର ବିଶ୍ୱାସ ହୋଇଅଛି । ବାସ୍ତବରେ ଯେତେ ବଡ଼ ଦୁର୍ଦ୍ଦମ୍ୟ କଠିନ ବାତ ହେଉନା କାହିଁକି ଏ ଔଷଧ ତହିଁରେ ଲଗିବାମାତ୍ର ସଦ୍ୟ ସଦ୍ୟ ମନ୍ତ୍ରଶକ୍ତି ପ୍ରାପ୍ତ ହୋଇ ଦିନ ସପ୍ତାହରେ କୁଡ଼ଦିନ ମଧ୍ୟରେ ଦୂରହୁଏ । ପ୍ରକୃତରେ ଏହାର ଏମନ୍ତ ଉପକାରୀତା ଗୁଣ ଅଛି କି ନା ପରେ ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ପଠାଯାଏ ।

ମୂଲ୍ୟ ପ୍ରତି ଡବା ୳ ୦ ୫ ଅଣାମାତ୍ର ।

ଯେତେକାଳର ଯେମନ୍ତ ଧାତୁ ରୋଗ ହୋଇ ଥିଲେହେଁ ଏହାକୁ ସେବନରେ ରୋଗ ସମୂଳେ ବିନାଶ ପ୍ରାପ୍ତ ହେବ । ଧାତୁ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି କିନ୍ତୁ ଭୂଭାଗରେ ଏପ୍ରକାର ଅବ୍ୟର୍ଥଫଳଦ ମହୌଷଧ ଆଉ ଦ୍ୱିତୀୟ ବାହାରି ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରାଜା, ମହାରାଜା, ଜମିଦାର, ଡାକ୍ତର ପଣ୍ଡିତଙ୍କଠାରୁ ନିତାନ୍ତ ସାଧାରଣ ଦରିଦ୍ର ବ୍ୟକ୍ତି ପର୍ଯ୍ୟନ୍ତ ଔଷଧର ରୋଗ-ଆରୋଗ୍ୟକାରୀ ଉପକାରିତା ଗୁଣରେ ମୋହିତ ହୋଇଅଛନ୍ତି । ଶତ ଶତ ବ୍ୟକ୍ତି ସ୍ୱ ଇଚ୍ଛାରେ ଔଷଧର ପ୍ରଶଂସା କରି କହୁଅଛନ୍ତି ଯେ ଯଥାର୍ଥରେ ଧାତୁ ରୋଗର ଏହା ଗୋଟିଏ ଉତ୍କୃଷ୍ଟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ୳ ୦ ।୵ ଅଣାମାତ୍ର ।

ଏକଥରେ ଦେଢ଼ ବା ବାର ଗୋଟି ଡବା ନ ନେଲେହେଁ ଅଧିକ ନେଲେ ବିଶେଷ ସୁବିଧା କରି ଦିଆଯାଏ । ସମସ୍ତେ ଆପଣା ନାମ, ଧାମ ଡାକଘର ଇଂରାଜୀ ଅକ୍ଷରରେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।

୨୮।୮।୦୩ ଶ୍ରୀ ଧର୍ମଚାରଣ ସେଠ ।

କେୟାର ଉତ୍କଳପ୍ରେସ, ବାଲେଶ୍ୱର ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL

*Agent Cuttack.*

## ADVERTISEMENT.

IT'S SO EASY TO NEGLECT THAT COLD !

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Billious Fevers, and mild form of Plague. Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.

## ଫଲେନ ପରିଚୀୟତେ

ଡକ୍ଟର ଶ୍ରୀକାନ୍ତ ଭୈଷଜ୍ୟବିଶାରଦଙ୍କର

ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଉଚିତ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ସର୍ବ ଅଣାର ଷ୍ଟାମ୍ପ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ଷଡ଼ଗୁଣବଲିଜାରିତ ସ୍ୱର୍ଣ୍ଣଘଟିତ

ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜୀବନରକ୍ଷାକର ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୂଳରୋଗ, ସ୍ୱପ୍ନଦୋଷ, ମେହ, ଅଷ୍ଟାଦଶ ବାୟୁରୋଗ, ଜ୍ୱର, କାଶ, ଶ୍ୱାସ, କ୍ରିମି; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅକାଳ ଜଟିଳ ରୋଗଙ୍କର ସବୁ ଶାନ୍ତି କରାଇବ ହୁଏ । ଅତଏବ ଅଧିକ କଣ ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଶାରୀରିକ ଦୌର୍ବଲ୍ୟ, ମସ୍ତିଷ୍କର ଦୁର୍ବଳତା, ସ୍ମରଣଶକ୍ତିର ଅଲ୍ପତା ବଳର କ୍ଷୀଣତା, ପରିପାକ ଶକ୍ତି ବୃଦ୍ଧି ଏବଂ ଶିଶୁମାନଙ୍କର ସର୍ବ ରୋଗ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ୲ ୧୫ ।

୯ ୧ ୧ ୦୩

## ଶ୍ରୀ ଭୂବନ ବଟିକା ।

ଏହି ଔଷଧ ସାର୍ବଜନୀନ ମ୍ୟାଲେରିଆ ଜ୍ୱରରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ପ୍ଲୀହା ଯକୃତ୍ ଜ୍ୱର କାରଣ ନଷ୍ଟ ହୋଇ ଯାଇଅଛି, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟ ମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଶାରୀରିକ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅନାବଶ୍ୟକ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ୲ ୧୲ ମାତ୍ର ।

## କଲ୍ପତରୁରସାୟନ ।

( ବେଦାନ୍ତ ଶାଳସା )

ଏଥିରେ କୁପଦଂଶ ( ଗରମୀ ) ଘାଆ, ପାରଦ ଦୋଷଜନିତ ଶରୀରରେ ଗଲା ଓ ଗାତ ଫାଟ; ଗ୍ରୋଟଭୋଟ୍ ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ୲ ୧୲ ମାତ୍ର ।

ଏକାଥରେ ଛଅଶିଶି ନେଲେ ୲ ୫୲ ଲାଗେ

ଚୌଧୁରୀ ବଜାର } ଶ୍ରୀ ଛତ୍ର ଭୂଷଣ ଦାସଙ୍କ
ଅନ୍ନପୂର୍ଣ୍ଣା
କଟକ } ଆୟୁର୍ବେଦୀୟ ଔଷଧାଳୟ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସଂଖ୍ୟରେ

| | |
|---|---|
| ଧାଡ଼ିପ୍ରତି | ୲ ୦ ୵ |
| ଅର୍ଦ୍ଧସ୍ତମ୍ଭ | ୨ ୵ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ୳ ୩ ୧ |

ଯାହା କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ଅନ୍ତତଃ ୧୦ ଧାଡ଼ି ଧରା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହା ପ୍ରଥମ ଅପେକ୍ଷା ଅର୍ଦ୍ଧ ଓ ଚତୁର୍ଥ ଥରଠାରୁ ଚାରି ଅଣା ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେବା ଉଚିତ ଜାଣିବ ।

ଏହି ପତ୍ରିକା ଉତ୍କଳ ପ୍ରେସରେ ବୈଶାଖ ଛପାଗଲା ଓ ପ୍ରକାଶ କରାଗଲା ଯଥାସମୟରେ ଗୃହୀତ ଓ ପ୍ରେରିତ ହେବ

Digitized by srujanika@gmail.com

REGISTERED No. C 81

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

## THE UTKAL DIPIKA.

ଖ ୩୮ ଶ } ସ ୪୭ ଖ୍ୟା } CUTTACK, SATURDAY THE 28th November 1903.
ତା ୧୩ ର ମାର୍ଗଶିର ସନ ୧୩୧୧ ସାଲ ଶନିବାର
{ ଅଗ୍ରିମ ଟ ୩୧ { ପଶ୍ଚାଦେୟ ଟ ୬୧

### NOTICE.


### ADVERTISEMENT

Wanted smart and energetic chief and Local mofussil agents in every District to introduce and sell our Electric, acetylene lights and Novelties and Graphophones and Phanographs &c. Cash security from Rs. 100 to 1000 required as deposit for our goods. Monthly salary ranging from Rs. 10 to Rs. 100 or ten percent of the amount deposited besides 12½ percent commission on goods sold will be given goods worth more than the amount of security supplied apply to.

EDWARD ELECTRIC WORKS & NOVELTIES
and
acetylene goods supply Co,
64 College street, Calcutta.


ତାଲଚେର୍ ରାଜ୍ୟରେ ଗୋଟିଏ ପକ୍କା ଜେଲଖାନା ମାର୍ଚ୍ଚ ସ ମଧ୍ୟରେ ପ୍ରସ୍ତୁତ କରାଯିବା ନିମନ୍ତେ ଜଣେ କଣ୍ଟ୍ରାକ୍ଟର ଆବଶ୍ୟକ, ଏବଂ କଣ୍ଟ୍ରାକ୍ଟର ଅଂଶିକ ବିଲ୍ ପ୍ରାର୍ଥୀ ନ ହୋଇ କାର୍ଯ୍ୟଶେଷରେ ଇଷ୍ଟିମେଟର ଅର୍ଦ୍ଧେକ ଟଙ୍କା ଏବଂ ତହିଁର ଛଅମାସ ପରେ ଅବଶିଷ୍ଟ ଅର୍ଦ୍ଧେକ ଟଙ୍କା ପାଇବେ । କଣ୍ଟ୍ରାକ୍ଟର ଆପଣା ଅଧୀନରେ ଏକଜଣ ଉପଯୁକ୍ତ କାର୍ଯ୍ୟ ପରିଚାଳକ ରଖିବା ଆବଶ୍ୟକ । ସୁତରାଂ କାର୍ଯ୍ୟ ପ୍ରାର୍ଥୀ ଆଗାମୀ ଡିସେମ୍ବର ମାସ ତା ୧୦ ରିଖ ମଧ୍ୟରେ ଆବେଦନପତ୍ର ତାଲଚେରାଧିଶ୍ୱରଙ୍କ ନିକଟକୁ ପ୍ରେରଣ କରିବେ ।

ତାଲଚେର } BY ORDER
୧୬।୧୧।୦୩ } *Narayan Mishar*
Sub Overseer.

। ପ୍ର । ସରସ୍ୱତୀ । ମୌ । ଚନ୍ଦ୍ରାଦେଇପୁର ଗଡ଼ା ମଧ୍ୟରେ ଜମିଦାର ଅନନ୍ତଚରଣ ମଲ ଓ ଲୁପୁନଚରଣ ମଲ ଓ ଗେରଙ୍କ ଅଧୀନରେ ଅମୁର ଜ୍ୟେଷ୍ଠଭ୍ରାତା ଗୋଖେଇ କର ଓ ଅମ୍ଭେ ଖାଣାଏକ କରଙ୍କ ନାମର ହାଲ ବନ୍ଦୋବସ୍ତର ପାଞ୍ଚ ମା ୧୧୬ ଜମିର ଖଉଆନ ପଟ୍ଟାକୁ ଅମ୍ଭେ ଏହି କଟକ ମୁକାମରେ ହରାଇଅଛୁଁ ଯଦି ଉକ୍ତ ପଟ୍ଟାକୁ କେହି ପାଇଥାଏ ଆମ୍ଭଙ୍କୁ ଆଣିଦେଲେ ଉଚିତ ବକସିସ ଦେବୁଁ ।

ଶ୍ରୀ ଖାଣାଏକ କର
। ସା । ଚନ୍ଦ୍ରାଦେଇପୁର । ପ୍ର । ସରସ୍ୱତୀ


### ନୂତନ ! ନୂତନ ! ନୂତନ ।

ଛତିଶଗୁପ୍ତଗୀତା ଟୀକାସହିତ ୪୫ ଅଧ୍ୟାୟ ଟଂ୧ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

### ନୂତନ ଲେଖିବାର କାଳୀ ।

ଲେଖିବା ସମୟରେ କାଳ ଶୁଖିଗଲେ କଳା ହୁଏ । ନମୁନା କନା ଖରଚରେ ପଠାଇ ଦିଆଯାଏ ।

ପ୍ରାପ୍ତିସ୍ଥାନ ।
ଏଚ, ଦେ, ବାଲେଶ୍ୱର

### କୁଷ୍ଠରୋଗୀ !

#### ହତାଶ ହୁଅ ନାହିଁ

ଅମ୍ଭେ ବହୁ ପରୀକ୍ଷାକର ପ୍ରତିଜ୍ଞା ପୂର୍ବକ କହୁଅଛୁଁ ଯେ ଯେବେ ଏହି ଦୁରାରୋଗ୍ୟ କୁଷ୍ଠକବଳରୁ ମୁକ୍ତି ପାଇ ସୁସ୍ଥ ଶରୀରରେ ଦୀର୍ଘକାଳ ବଞ୍ଚିବାର ଆଶା ଥାଏ ଯେବେ ବହୁ ଚିକିତ୍ସା କରାଇ ଓ ବହୁ ଔଷଧ ସେବନ କରି ମଧ୍ୟ ନିଷ୍ଫଳ ହୋଇ ଥାଅ, ଯେବେ ଡାକ୍ତର ଓ କବିରାଜଙ୍କର ଚିକିତ୍ସାର ପରିତ୍ୟକ୍ତ ହୋଇଥାଅ, ଯେବେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବାର ଏକାନ୍ତ ବାସନା ଥାଏ ଯେବେ ଆମ୍ଭର ଏହି ବିଜ୍ଞାପନକୁ ଅତିରଞ୍ଜିତ ବା ଆଡ଼ମ୍ବର ପୂର୍ଣ୍ଣ ମନେ ନ କର ତେବେ ଶୀଘ୍ର ଆମ୍ଭର ଔଷଧ ସେବନ କର । ହସ୍ତପଦର ଅଙ୍ଗୁଳି ଛିନ୍ନ, ନାସିକାବକ୍ର, କର୍ଣ୍ଣବିକୃତ ଓ ସର୍ବାଙ୍ଗ ବ୍ୟାପି ସ୍ପର୍ଶରହିତ ଘାଆମାନ ଥିଲେ ମଧ୍ୟ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ସନ୍ଦେହ ନାହିଁ ଆମ୍ଭର ଔଷଧର ଫଳାଫଳ ପରୀକ୍ଷାକରି ଦେଖିଲେ ଜାଣିପାରିବ । ନିମ୍ନ ଠିକଣାକୁ ଦୁଇପଇସିଆ ଟିକଟସହ ପତ୍ର ଲେଖିଲେ ପ୍ରୟୋଜନୀୟ ବିଷୟମାନ ବୁଝିପାରିବ ।

ଲୁପୁଙ୍କପୁର } ଶ୍ରୀ ବାଳକୃଷ୍ଣଦାସ
କଟକ } କବିରାଜ


ମୟୂରଭଞ୍ଜ ଷ୍ଟେଟ ସକାଶେ ନ ୧୦ ଣ ପୋଲିସ ରାଇଟର କନଷ୍ଟେବଲ୍ ମୁକରର ହେବା ଆବଶ୍ୟକ ଯେଉଁମାନେ ଇଂରାଜୀ ମାଇନର ପରୀକ୍ଷୋତ୍ତୀର୍ଣ୍ଣ, ନିର୍ଦ୍ଦୋଷ ସ୍ୱଭାବ, ବ ୨୨ ବର୍ଷରୁ ଊର୍ଦ୍ଧ୍ୱ ଏବଂ ବ ୩୦ ବର୍ଷରୁ ନ୍ୟୂନ ବୟସ୍କ, ଉଚ୍ଚ ଫୁ ୫।୫ ଇଞ୍ଚ, ଛାତି ଚଉଡ଼ା ଇ ୩୨ ଞ୍ଚ, ଏବଂ ନିରୋଗ ଶରୀର ଥିବେ ସେମାନେ ଆପଣାଙ୍କର ( କୌଣସି ସରକାରୀ କିମ୍ବା ପୋଲିସ କାର୍ଯ୍ୟ କରିଥିବାର ) ସାର୍ଟିଫିକଟ ଓ ପ୍ରଶଂସାପତ୍ର ସହିତ ପ୍ରାର୍ଥନା ଦରଖାସ୍ତ ଚଳିତ ନଭେମ୍ବର ମାସ ତା ୩୦ ରିଖ ସୁଦ୍ଧା ନିମ୍ନ ଠିକଣାରେ ପଠାଇବେ । ମାସିକ ବେତନ ବର୍ତ୍ତମାନ ଟ ୮ ଙ୍କ ଏବଂ ଟ ୧୦ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବ ।

୬।୧୧।୧୯୦୩ ସାଲ } Sd. H. B. KIDDELL,
ମୟୂରଭଞ୍ଜପୋଲିସ } *Supdt. of Police*
ଅଫିସ ବାରିପଦା } Mourbhanj.

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ଅଳ୍ପ ଦାମରେ ଅସ୍ଥାୟୀ ଗୁଣବଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଅବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

# DANZIN

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଅଦ୍ଭୁତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜିଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅଧିକ ବୟସଠାରୁ ଏତଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ବଳ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେନେଗୁଡ଼ିଏ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅୟୁରଣ, ଫସ୍ଫରସ ଓ ଡାମିୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ଫାରମାକୋଲୋଜିକ ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ ହୋଇଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭକୁ ବନ୍ଧୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ପାଇବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାପ ଓ କଳଙ୍କର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ ତାହାଙ୍କେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏହାଦ୍ୱାରା ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାପ ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ଡ୍ୟାନଜିନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜିନର ଗୁଣ ଗ୍ରାହ୍ୟ ।

ଡ୍ୟାନଜିନରେ—ମଦ, ଅଫିମ, ଷ୍ଟ୍ରିକନିୟା, ମାର୍କାରୀ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛୁକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ସ୍ମରଣଶକ୍ତି ବୃଦ୍ଧି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଜଗତ୍ ଦେହର ଜୀବନ ।

ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂୟ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ମୂତ୍ରାଶୟର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଶୁକ୍ରାପରି ପଦାର୍ଥ ବାହାର ହେବା । ଷ୍ଟ୍ରୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତିଷ୍କ, ମୁଣ୍ଡବୁଲା, ଘୁସୁଘୁସିଆ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳୀନ ପେଟରେ ବେଦନା ଓ କନକନାନି ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାପ ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଚଘା, ନାଲିଘା ଡାଉର, ଭଗନ୍ଦର, କାଛୁ କୁଣ୍ଡିଆ ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ ବଢ଼ିବା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧।୦ ୩ବୋତଲ ଟ ୩।୦, ୬ବୋତଲ ଟ ୭।୦ ଓ ୧୨ବୋତଲ ଟ ୧୩।୦ ଟଙ୍କା ଡାକ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ବୋତଲ ଟ ୦ ।୵ ଅଣା ।

I. B. G. & Co. Calcutta Registered Telegraphic address "DANZIN" CALCUTTA.

ସୋଲ୍ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆଇ, ବି, ଜି, ଏଣ୍ଡ କୋଂ କଲିକତା ।

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଅଦ୍ଭୁତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୬ ଡଜନ ଟ ୫୵ ମାଶୁଲ ଏକଠାରୁ ୧୨ କୌଟା ଟ ୦ ୵

ଡାକ୍ତର ମାର୍ଟିନଙ୍କର "ଅଲ୍ସର ମଲମ"—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲ ଡଜନ ଟ ୧୦ ମାଶୁଲ ୧ ଠାରୁ ୧୨ କୌଟାକୁ ଟ ୦ ୵

ଏଜେଣ୍ଟ—ଆଇ, ବି, ଜି ଏଣ୍ଡ କୋଂ କଲିକତା ।


Digitized by srujanika@gmail.com

## ଉତ୍କଳ ଦୀପିକା।

ଗତ ପରୀକ୍ଷାର ଫଳାନୁସାରେ ଏଥର ଯେଉଁ ଜ ୯୦ ଣ ଭାରତର ବଙ୍ଗଳାବର୍ତ୍ତା ସିବିଲ୍ ସର୍ଭିସରେ ନିଯୁକ୍ତ ହୋଇ ଏ ଦେଶକୁ ଆସୁଅଛନ୍ତି ସେମାନଙ୍କର ନାମ ଇଣ୍ଡିଆ ଗଜେଟରେ ବାହାରିଅଛି। ସେମାନଙ୍କ ମଧ୍ୟରେ କେବଳ ଦୁଇଜଣ ଭାରତବାସୀ ଅଛନ୍ତି ଓ ସେମାନଙ୍କ ମଧ୍ୟରୁ କୁମାର ଜଗଦୀଶପ୍ରସାଦ ଯୁକ୍ତ ପ୍ରଦେଶରେ ଏବଂ ଶ୍ରୀଯୁକ୍ତ ଶରତ୍‌କୁମାର ଘୋଷ ବଙ୍ଗପ୍ରଦେଶରେ ସ୍ଥାପିତ ହୋଇଅଛନ୍ତି।

---

ଭାରତରେ ପେଲେଗ ରୋଗ ମୃତ୍ୟୁ କଥା ଉତ୍କଳଦୀପିକାର ଗତ ସପ୍ତାହରେ ଦେଖାଇଥିଲୁଁ। ମାତ୍ର ଚଳିତମାସ ତା ୧୪ ରିଖରେ ଶେଷହେବା ସପ୍ତାହର ବିବରଣରୁ ପ୍ରକାଶ ଯେ ତହିଁ ପୂର୍ବ ସପ୍ତାହରେ ୧୭,୦୩୬ ମୃତ୍ୟୁପ୍ରତି ଏ ସପ୍ତାହରେ ୧୮,୩୭୦ ମୃତ୍ୟୁ ହୋଇଅଛି। ମହୀଶୂର ହାଇଦରାବାଦ ଓ ମଧ୍ୟ ଭାରତରେ କିଛି ଉଣା ଅଛି ମାତ୍ର ଆଉ ସକଳ ପ୍ରଦେଶରେ ବୃଦ୍ଧି ହୋଇଅଛି। ବଙ୍ଗପ୍ରଦେଶ ମଧ୍ୟରେ ପାଟନା ବିଭାଗ ଓ ତହିଁ ମଧ୍ୟରେ ସାହାବାଦ ଓ ପାଟନା ଜିଲ୍ଲାରେ ରୋଗ ଅଧିକ ପ୍ରବଳ ହୋଇଅଛି।

---

ଗତ ସେପ୍ଟେମ୍ବର ମାସରେ ଓଡ଼ିଶାର ତିନି ଜିଲ୍ଲାରେ ମୋଟ ମୃତ୍ୟୁ ଓ ତହିଁମଧ୍ୟରେ ଓଲାଉଠା ଓ ଜ୍ୱରରୋଗର ମୃତ୍ୟୁ ତାଲିକା ନିମ୍ନେ ପ୍ରଦତ୍ତ ହେଲା।

| ଜିଲ୍ଲା | ମୋଟ | ଓଲାଉଠା | ଜ୍ୱର |
|---|---|---|---|
| କଟକ | ୪୭୬୦ | ୨୫୯ | ୨୨୧୦ |
| ବାଲେଶ୍ୱର | ୨୯୬୦ | ୩୬ | ୧୩୧୬ |
| ପୁରୀ | ୧୭୬୦ | ୮ | ୪୮୩ |

ଏହି ତିନିଜିଲ୍ଲାର ସଦର ମୁକାମରେ ଉକ୍ତମାସରେ ଓଲାଉଠା ପ୍ରାୟ ନ ଥିଲା ଏବଂ ଜ୍ୱରର ମୃତ୍ୟୁ ଯଥାକ୍ରମେ ୩୭, ୨୧, ଓ ୨୮ ଥିଲା।

---

ରାଞ୍ଚି ଜିଲ୍ଲାରେ ଗୋଟିଏ ନୂତନ ସବଡିଭିଜନ ସୃଷ୍ଟିହେବା ଏବଂ ଗୁମଲା ତହିଁର ସଦର ମୁକାମ ହେବାରୁ ଟୋଟୋ ଥାନା ଉଠିଯାଇ ଗୁମଲାଠାରେ ଗୋଟିଏ ନୂତନ ଥାନା ପୁଲିଶ ଷ୍ଟେସନ ସ୍ଥାପିତ ହୋଇଅଛି ଏବଂ ଟୋଟୋ ଥାନାର ଯେଉଁ ଅଂଶ ଗୁମଲା ଥାନାରୁ ବାହାରିଗଲା ତାହା ଏବଂ ବିଷୁନପୁର ଥାନାର ସମସ୍ତ ଅଂଶ ପୃଥକ୍ ୨ ପାର୍ଶ୍ୱରେ ପରିଣତ ହୋଇ ସାଇଗ ନାମକ ନୂତନ ଥାନାର ଅନ୍ତର୍ଗତ ହେଲା। ଏଥିର ବିସ୍ତାରିତ ବିଜ୍ଞାପନ କଲିକତା ଗେଜେଟରେ ବାହାରିଅଛି।

---

ଭାରତୀୟ ଶସ୍ତ୍ର ଆଇନ (ସନ ୧୮୭୮ ସାଲ ର ଅ ୧୧ ଇନ) ଅନୁସାରେ ବଙ୍ଗଳାର ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଘୋଷଣା ପ୍ରଚାର କରିଅଛନ୍ତି କି ସରକାରୀ ପେନସନପ୍ରାପ୍ତ ସମସ୍ତ ମାଜିଷ୍ଟ୍ରେଟ, ଡେପୁଟୀକଲେକ୍ଟର, ମୁନସଫ ପଦର ଊର୍ଦ୍ଧ୍ୱ ବିଚାରବିଭାଗୀୟ କର୍ମଚାରୀ ଏବଂ ଆସିଷ୍ଟାଣ୍ଟ ଇଞ୍ଜିନୀୟର ପଦର ଊର୍ଦ୍ଧ୍ୱ ବାରିକମାଷ୍ଟରୀ ମହକୁମାର କର୍ମଚାରୀ ଉକ୍ତ ଆଇନର ଧା ୧୩।୧୪, ୧୫ ଓ ୧୬ ର ଲିଖିତ ନିଷେଧ ଓ ଆଦେଶମାନଙ୍କରୁ ମୁକ୍ତି ପାଇଲେ। ମାତ୍ର ତୋପ, ଯୁଦ୍ଧ ହାବେଲୀ, ସନ ୧୯୦୧ ସାଲ ତା ୨୦ ରିଖ ଉତ୍ତାରୁ ଆମଦାନି ହୋଇଥିବା .୪୫୦ ନଳୀର ହେନେର ମାରଟିନ ଅଥବା .୩୦୩ ନଳୀର ରାଇଫଲ ବନ୍ଧୁକ ପ୍ରଭୃତି ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଅନୁମତି ଭିନ୍ନ ରଖିବା ପ୍ରତି ଏ ଘୋଷଣା ଖଟିବ ନାହିଁ।

---

ହିତବାଦୀରେ ପାଠ କଲୁଁ କି ମାନ୍ଦ୍ରାଜ ଶିଳ୍ପ ପ୍ରଦର୍ଶନୀକୁ ଦେଶୀୟ ଉତ୍କୃଷ୍ଟ ଶିଳ୍ପଜାତ ପଦାର୍ଥ ପଠାଇବା ସଙ୍କାଶେ ଗଞ୍ଜାମଜିଲ୍ଲାର କଲେକ୍ଟର ଅଲ୍ବଦନ ହେଲ୍ମ ବର୍ହମପୁରଠାରେ ଗୋଟିଏ ସଭା କରିଥିଲେ ଏବଂ ପଦାର୍ଥ ସଂଗ୍ରହ ଓ ତାହା ପ୍ରଦର୍ଶନୀକୁ ପଠାଇବାର ବ୍ୟୟ ନିର୍ବାହାର୍ଥ ରାଜା ଜମିଦାର ପ୍ରଭୃତିଙ୍କ ନିକଟକୁ ପତ୍ର ପଠାଇଥିଲେ। ସଭାର ଯତ୍ନ ଓ ସାହେବ ମହୋଦୟଙ୍କର ଚେଷ୍ଟା ସଫଳ ହୋଇଥିବାର ଆନନ୍ଦସହିତ ଅବଗତ ହେଲୁଁ। ଏପର୍ଯ୍ୟନ୍ତ ପ୍ରାୟ ଟ ୮୦୦୯ ଙ୍କା ଚାନ୍ଦା ସଂଗୃହୀତ ହୋଇଅଛି ଏବଂ ତହିଁମଧ୍ୟରେ ଏକା ବୃହତ୍ ଖେମଣ୍ଡିର ମହାରାଜା ଟ ୨୫୦୯ ଙ୍କା ଦାନ କରି ଅଶେଷ ଧନ୍ୟବାଦ ଭାଜନ ହୋଇଅଛନ୍ତି। ସାଧାରଣ ହିତକାର୍ଯ୍ୟରେ ମହାରାଜା ସର୍ବଦା ମୁକ୍ତହସ୍ତ ଦେଖାଯିବା ବଡ଼ ଆନନ୍ଦର ବିଷୟ ଅଟେ।

---

ବାମଣ୍ଡାଧିପତି ସ୍ୱର୍ଗୀୟ ସୁଢ଼ଳ ଦେବଙ୍କର ବୟସ ବ ୬୦।୬୨ ର୍ଷ ଥିବାର ଆମ୍ଭେମାନେ ଭ୍ରମରେ ଗତ ସପ୍ତାହରେ ଲେଖିଥିଲୁଁ। ବର୍ତ୍ତମାନ ସମ୍ବଲପୁର ହିତୈଷିଣୀରୁ ଅବଗତ ହେଲୁଁ ଯେ ତାହାଙ୍କର ବୟସ ବ ୫୬।୭ ମାସ ମାତ୍ର ହୋଇଥିଲା। ତାହାଙ୍କ ପୀଡ଼ା ସମ୍ବନ୍ଧରେ ସହଯୋଗୀ ଲେଖିଅଛନ୍ତି କି ମହାରାଜା ବହୁଦିନରୁ ବହୁମୂତ୍ର ରୋଗରେ ପୀଡ଼ିତ ଥିଲେ। ମଧ୍ୟରେ କେତେକ ମାସ ଭଲ ଥିଲେ ମାତ୍ର ମା ୩।୪ ସ ହେଲା ସେହି ରୋଗ ପୁନର୍ବାର ଆକ୍ରମଣ କଲା ଏବଂ ଅନେକ ସାବଧାନତା ସହିତ ନାନା ପ୍ରକାର ଚିକିତ୍ସା ହେଉଥିଲେ ମଧ୍ୟ ମୃତ୍ୟୁର ଦ ୭।୮ ନ ପୂର୍ବରୁ ଜ୍ୱର ହୋଇ କ୍ରମଶଃ ବୃଦ୍ଧି ହେବାକୁ ଲାଗିଲା ଏବଂ ଶରୀର ଦୁର୍ବଳ କରିପକାଇଲା। ପରିଶେଷରେ ଏକ ଦିନ ଅଜ୍ଞାନାବସ୍ଥାରେ ରହି ପ୍ରାଣ ତ୍ୟାଗ କଲେ। ତାହାଙ୍କ ଚିକିତ୍ସା ନିମନ୍ତେ କଲିକତାର ପ୍ରସିଦ୍ଧ ଗବର୍ଣ୍ଣମେଣ୍ଟ-ପେନ୍‌ସନପ୍ରାପ୍ତ ଡାକ୍ତର କର୍ଣ୍ଣେଲ ଆର୍, ଏଲ୍, ଦତ୍ତଙ୍କୁ ଅଣାଯାଇଥିଲା ମାତ୍ର ନିଦାନ କାଳରେ କିଏ ରକ୍ଷା କରିବ? ମହାରାଜାଙ୍କର ଅଳ୍ପବୟସରେ ମୃତ୍ୟୁ ଅଧିକ ଦୁଃଖ ଏବଂ ଓଡ଼ିଶାର ଅଧିକ ଦୁର୍ଭାଗ୍ୟର କଥା ଅଟେ। ଆଗାମୀ ମାସରେ ଏଠାରେ ଯେଉଁ ଜାତୀୟ ସମିତି ହେବାର ଆୟୋଜନ ହେଉଅଛି ତହିଁର ସଭାପତି ହେବା କାରଣ ତାହାଙ୍କୁ ତାରସମ୍ବାଦଦ୍ୱାରା ଅନୁରୋଧ କରାଯାଇଥିଲା ମାତ୍ର ତହିଁର ଉତ୍ତରରେ ତାହାଙ୍କ ମୃତ୍ୟୁସମାଚାର ଆସି ପହଞ୍ଚିଲା। ଏଥିରୁ ବଳି ଦୁଃଖର କଥା ଅଛି କି?

---

ଗତବର୍ଷ ଭାରତରୁ ପ୍ରାୟ ୩୦ଲକ୍ଷ ମହଣ ହାଡ଼ ବିଦେଶକୁ ରପ୍ତାନି ହୋଇଥିଲା। ତହିଁପୂର୍ବ ଦୁଇବର୍ଷର ହାରାହାରି ଏହିପରିମାଣ ପଡ଼ିଥିଲା। ମୋଟ ରପ୍ତାନିର ଏକ ତୃତୀୟାଂଶ ଇଂଲଣ୍ଡକୁ, ଏକ ଚତୁର୍ଥାଂଶ ଜର୍ମାନୀକୁ ଏବଂ ଅବଶିଷ୍ଟ ଅନ୍ୟାନ୍ୟ ଦେଶକୁ ଯାଇଥିଲା ତହିଁର ମୂଲ୍ୟ ୫୫ ଲକ୍ଷ ଥିଲା। ଏ ଟଙ୍କା ଭାରତକୁ ଆସିଥିଲା ସତ୍ୟ ମାତ୍ର ହାଡ଼ଗୁଡ଼ିକ ଜମିରୁ ଓ ହାଡ଼ ଗୋଟାଇବା ଏବଂ ଜାହାଜ ବୋଝାଇପର୍ଯ୍ୟନ୍ତ ଘୋଳାଇବା ସାମାନ୍ୟ ମୂଲଛଡ଼ା ଭାରତ ଲୋକମାନେ ଆଉ କିଛି ପାଇ ନାହାନ୍ତି। ଏହି ହାଡ଼ ଯେବେ ବିଦେଶକୁ ନ ଯାଇ ସାରରୂପେ ଏ ଦେଶରେ ବ୍ୟବହାର ହେଉଥାନ୍ତା ତେବେ ଭାରତ ପ୍ରଜାବର୍ଗର କେତେ ଉପକାର ହେଉଥାନ୍ତା। ମାତ୍ର ଦରିଦ୍ର ପ୍ରଜାମାନେ ସଙ୍ଗତି ଏବଂ ଜ୍ଞାନ ଅଭାବରୁ ତହିଁରୁ ବଞ୍ଚିତ ହୋଇଅଛନ୍ତି ଏବଂ ରାଜା ଜମିଦାରମାନେ ସେହିପରି ଜ୍ଞାନାଭାବରୁ ସାମାନ୍ୟ ଆୟରେ ସନ୍ତୁଷ୍ଟ ହୋଇ ମୂଲ୍ୟବାନ୍ ସାରକୁ ପରକୁ ଦେଉଅଛନ୍ତି। ଯେବେ ଏ ଅଞ୍ଚଳର କେହି ୨ ଶିକ୍ଷିତ ଆପଣା ଏଲାକାର ହାଡ଼ସବୁ ଅଟକାଇ ପାଣପ୍ରଭୃତିଙ୍କଦ୍ୱାରା ଗୁଣ୍ଡାଇ ସାର ପ୍ରସ୍ତୁତ କରାଇ କୃଷିମାନଙ୍କୁ ଯୋଗାଇବାର ବନ୍ଦୋବସ୍ତ କରନ୍ତେ ଓ ପରୀକ୍ଷାଦ୍ୱାରା ତହିଁର ଫଳ ଦେଖାନ୍ତେ ତେବେ ଅଳ୍ପକାଳରେ ସାମାନ୍ୟ ବ୍ୟୟରେ ଫସଲର ଉନ୍ନତିଦ୍ୱାରା ସେମାନଙ୍କର ଆୟ ବଢ଼ନ୍ତା ଏବଂ କୃଷିର ଉନ୍ନତି ସଙ୍ଗେ ୨ ବ୍ୟବସାୟ ଅଭାବରେ [illegible] ଦିନ କାଟିବା ପାଣପ୍ରଭୃତିଙ୍କୁ ଗୋଟିଏ ବ୍ୟବସାୟ ମିଳନ୍ତା।

---

Split by PDF Splitter

Digitized by srujanika@gmail.com

Split by PDF Splitter



ପୁଷ୍ପକ୍ଷେତ୍ର ବାଙ୍କେସଲସାହି ନିବାସୀ ବେଦପଣ୍ଡିତ ଶ୍ରୀ ହରିହର ବ୍ରହ୍ମା ଲେଖିଅଛନ୍ତି ଯେ ସେ ବହୁକାଳରୁ ଶିକ୍ଷା କରିଥିବା ବେଦ ଏବଂ ସଙ୍ଗୀତ ବିଦ୍ୟାର ସଫଳତା ନିମନ୍ତେ ଗୋଟିଏ ସଙ୍ଗୀତ ବିଦ୍ୟାଳୟ ଓ ସଙ୍ଗୀତ ସମାଜ ସ୍ଥାପନ କରିଅଛନ୍ତି । ଶ୍ରୀମତ୍ ପରମହଂସ ପରିବ୍ରାଜକାଚାର୍ଯ୍ୟ ଶଙ୍କର ଶ୍ରୀ ବ୍ରହ୍ମାନନ୍ଦ ତୀର୍ଥ ସ୍ୱାମୀ ସଭାପତି ଏବଂ ସେ ନିଜେ ସହକାରୀ ସଭାପତି ଶ୍ରୀ ଜଗଦେବ ମିଶ୍ର ଶର୍ମା ସମ୍ପାଦକ ହୋଇଅଛନ୍ତି । ସମାଜର ଅଧିବେଶନ ପ୍ରତି ରବିବାର ରାତ୍ରରେ ହୁଅଇ । ଏ ସଭା ଗତ ଅଗଷ୍ଟ ମାସରୁ ଆରମ୍ଭ ହୋଇଅଛି । ମାତ୍ର ପୁସ୍ତକ ଯନ୍ତ୍ର ଓ ଛାତ୍ରମାନଙ୍କର ଗ୍ରାସାଚ୍ଛାଦନ ଓ ଅନ୍ୟାନ୍ୟ ଉପକରଣର ବ୍ୟୟ ନିର୍ବାହ ନିମନ୍ତେ ଅର୍ଥର ପ୍ରୟୋଜନ, ତହିଁ ପାଇଁ ପଣ୍ଡିତ ମହାଶୟ ରାଜା ଜମିଦାର ଏବଂ ଅନ୍ୟାନ୍ୟ ହିତୈଷୀ ଲୋକଙ୍କର ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି । ଅର୍ଥ ବିନା କୌଣସି କାର୍ଯ୍ୟ ସାଧନ ହୋଇ ନ ପାରେ । ଓଡ଼ିଶାରେ ବର୍ତ୍ତମାନ ସଙ୍ଗୀତ ବିଦ୍ୟାର ଯେପରି ଦୁର୍ଗତି ହୋଇଅଛି ତହିଁର ପ୍ରତୀକାର ନ ହେଲେ ଏ ବିଦ୍ୟା ଏକାବେଳକେ ଲୋପ ହୋଇଯିବ । ଆମ୍ଭେମାନେ ପଣ୍ଡିତ ମହାଶୟଙ୍କର ପ୍ରାର୍ଥନା ପୂର୍ଣ୍ଣ କରିବା କାରଣ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ଓ ତହିଁ ସଙ୍ଗେ ପଣ୍ଡିତ ମହାଶୟଙ୍କୁ ଅନୁରୋଧ କରୁଅଛୁଁ ଯେ ସେ ଯେ ପ୍ରଣାଳୀରେ କାର୍ଯ୍ୟ କରିବାର ନିୟମ କରିଅଛନ୍ତି ଏବଂ ଏପର୍ଯ୍ୟନ୍ତ ଯେ କାର୍ଯ୍ୟ ହୋଇଅଛି ତାହା ଜନସାଧାରଣରେ ପ୍ରକାଶ କରନ୍ତୁ । କାର୍ଯ୍ୟର ବିବରଣ ଅବଗତ ନ ହେଲେ ସାହାଯ୍ୟ ଦେବାକୁ ଲୋକଙ୍କର ପ୍ରବୃତ୍ତି ହେବାର ଆଶା କରାଯାଇ ନ ପାରେ ।

---

ଦାର୍ଜିଲିଂରେ ଥିବା ଲୋଇସଜୁବିଲି ସାନିଟେରିୟମ ନାମକ ସ୍ୱାସ୍ଥ୍ୟାଶ୍ରମର ବିବରଣ ଓ ହିତକାରିତା ପାଠକମାନଙ୍କୁ ଜଣାଅଛି । ବଙ୍ଗପ୍ରଦେଶର ଏବଂ ଅନ୍ୟାନ୍ୟ ସ୍ଥାନର ଅନେକ ରୋଗୀ ଦାର୍ଜିଲିଂକୁ ଯାଇ ସେହି ସ୍ୱାସ୍ଥ୍ୟାଶ୍ରମରେ ସୁଲଭ ବ୍ୟୟରେ ବାସ କରି ପୀଡ଼ାର ଉପଶମ ବା ଆରୋଗ୍ୟଲାଭ ହେବାରୁ ଫେରି ଆସିବାର ବାର୍ଷିକ ରିପୋର୍ଟରୁ ପ୍ରକାଶ ପାଇଅଛି । ଅନ୍ୟାନ୍ୟ ରୋଗ ମଧ୍ୟରେ ଯକ୍ଷ୍ମା ବା କ୍ଷୟକାଶ ପକ୍ଷରେ ଏ ସ୍ଥାନ ଅଧିକ ହିତକର ଜଣାଯିବାରୁ ଗତ କେତେକ ବର୍ଷ ହେଲା ଏହି ଶ୍ରେଣୀର ରୋଗୀ କ୍ରମାଗତ ବୃଦ୍ଧି ହେଉଅଛି । ଆଶ୍ରମର ସୁପ୍ରେଣ୍ଡ, ଡାକ୍ତର ଏବଂ ଅନ୍ୟାନ୍ୟ ଯୋଗ୍ୟ ଡାକ୍ତରଙ୍କ ମତରେ ଏ ଶ୍ରେଣୀର ରୋଗୀଙ୍କୁ ଅନ୍ୟାନ୍ୟ ରୋଗୀଙ୍କ ସଙ୍ଗରେ ଏକତ୍ର ରହିବାକୁ ଦେବା ଉଚିତ ନୁହେ । କାରଣ ଏକପ୍ରକାର ଛୁଆଁ ରୋଗ ଅଟେ । ଅତଏବ ସେମାନଙ୍କ ସକାଶେ ଗୋଟିଏ ପୃଥକ୍ ଦ୍ୱିତଳକୋଠା ନିର୍ମାଣ କରିବା ନିତାନ୍ତ ଆବଶ୍ୟକ ହୋଇଅଛି । ତଳେ ୨୫ ଶଯ୍ୟା ଏବଂ ଉପରେ ୨୫ ଶଯ୍ୟା ହୋଇପାରିବ । ତାହା ସହିତ ନିର୍ମାଣ ଏବଂ ଫେସନସ୍ତ ସାଜସରଞ୍ଜାମ ସକାଶେ ଟ ୧୫୦୦୦ ଟଙ୍କା ଇଷ୍ଟିମେଟ ହୋଇ ସାଧାରଣ ଚାନ୍ଦାଦ୍ୱାରା ତାହା ସଂଗ୍ରହ ନିମନ୍ତେ ଏଥିପୂର୍ବେ ବିଜ୍ଞାପନ ଦିଆଯିବାରେ ଫରିଦପୁର ଜିଲ୍ଲା ମାଣିକଦହର ଜମିଦାର ଶ୍ରୀଯୁକ୍ତ ଉପେନ୍ଦ୍ରନାଥ ବସୁ ଟ ୧୫୦୦୦ ଟଙ୍କା ଦେବାକୁ ଅଙ୍ଗୀକାର କରିଥିଲେ ମାତ୍ର କୌଣସି କାରଣରୁ ସେ ତାହା ପ୍ରତ୍ୟାହାର କରିବାରେ ଆଶ୍ରମର ସଭାପତି ରାଜସାହି ବିଭାଗର କମିଶନର ସର୍ବସାଧାରଣଙ୍କ ନିକଟରେ ପୁନର୍ବାର ଭିକ୍ଷା ପ୍ରାର୍ଥନା କରିଅଛନ୍ତି । ପ୍ରସ୍ତାବିତ କାର୍ଯ୍ୟ ଅତ୍ୟନ୍ତ ହିତକର ଏବଂ ପ୍ରୟୋଜନୀୟ ଏ ବିଷୟରେ ସନ୍ଦେହ ନାହିଁ ଏବଂ ସେହି ଆଶ୍ରମ ସକଳ ସ୍ଥାନର ଲୋକଙ୍କ ନିମନ୍ତେ ସର୍ବଦା ମୁକ୍ତ ଥିବାରୁ ସମସ୍ତଙ୍କର ଏଥିରେ ସ୍ୱାର୍ଥ ଓ ସମ୍ପର୍କ ଅଛି । ରୋଗିଙ୍କ କଷ୍ଟ ନିବାରଣାର୍ଥ ଦାନ ଗୋଟିଏ ଉତ୍କୃଷ୍ଟ ଦାନ ଅଟେ । ଏହି ଆଶ୍ରମର ତତ୍ତ୍ୱାବଧାନ ଉଚ୍ଚ ରାଜକର୍ମଚାରୀ ଏବଂ ଅପର ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ହସ୍ତରେ ନ୍ୟସ୍ତ ଥିବାରୁ ଯେ ଯାହା ଦାନ କରିବେ ତହିଁର ସଦ୍ବ୍ୟୟ ହେବ ସେ ବିଷୟରେ ସନ୍ଦେହ ନାହିଁ । ଆଶା କରୁଁ ଏ ପ୍ରଦେଶର ବଦାନ୍ୟ ଏବଂ ସାଧାରଣ ହିତୈଷିମାନେ ଉକ୍ତ ହିତକର ଅନୁଷ୍ଠାନର ସାହାଯ୍ୟାର୍ଥେ ଆନନ୍ଦ ସହିତ ଅଗ୍ରସର ହେବେ ।

---

### କଟକ ମେଉନିସିପାଲିଟିର କଥା ।

ବଙ୍ଗପ୍ରଦେଶର ମେଉନିସିପାଲିଟି ସମୂହର ଗତବର୍ଷର କାର୍ଯ୍ୟ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁର ମର୍ମ ପାଠକମାନଙ୍କୁ ଜଣାଉଅଛୁଁ ଏବଂ ତହିଁ ସଙ୍ଗେ ଦେଖାଉଅଛୁଁ ଯେ ଏହା ଟିକସ ବନ୍ଦୋବସ୍ତ ଛଡ଼ା ଅନ୍ୟ କୌଣସି ବିଷୟରେ ଗବର୍ଣ୍ଣମେଣ୍ଟ କଟକ ମେଉନିସିପାଲିଟିର ଗୁରୁତର ଦୋଷ ଦେଖି ନାହାନ୍ତି । ଏହା ମଧ୍ୟ ଦେଖାଉଅଛୁଁ ଯେ ଓଡ଼ିଶାର କମିଶନର ଭ୍ରମରେ ପଡ଼ି କଟକ ମେଉନିସିପାଲିଟିର ଅଯଥା ନିନ୍ଦା କରିଅଛନ୍ତି ଏବଂ ତାହା ଏତେ ସ୍ପଷ୍ଟ ହୋଇଅଛି ଯେ ବଙ୍ଗଳାର ହେତେଡ଼ ସମ୍ପାଦକ ଶାନ୍ତିପୁର ମିଉନିସିପାଲିଟିପର କଟକ ମେଉନିସିପାଲିଟିର କମିଶନରମାନଙ୍କ ହାତରୁ ଗବର୍ଣ୍ଣମେଣ୍ଟ କାଢ଼ିନେବେ ବୋଲି ଆଶଙ୍କା କରିଅଛନ୍ତି ଯାହାହେଉ ବଙ୍ଗେଶ୍ୱର ଯେପରି ଦଣ୍ଡ ଦେଇ ନାହାନ୍ତି ମାତ୍ର ଜିଲ୍ଲା ମାଜିଷ୍ଟ୍ରେଟ ଓ ବିଭାଗୀୟ କମିଶନର ଗବର୍ଣ୍ଣମେଣ୍ଟଙ୍କ ଦୂର ଆଖି ବୋଲି ସେହିବାଟେ ଯାହା ଦେଖିଲେ ତହିଁରେ ବିନା ବିଚାରରେ ନିର୍ଭର କରିବା ଉଚିତ ହୋଇ ନାହିଁ । ସାଧାରଣତଃ ବିଭାଗୀୟ ହାକିମଙ୍କ କଥାରେ ଗବର୍ଣ୍ଣମେଣ୍ଟଙ୍କର ନିର୍ଭର କରିବା ଉଚିତ ନୁହେ । ମାତ୍ର କଟକ ମେଉନିସିପାଲିଟି ସମ୍ବନ୍ଧରେ ମାଜିଷ୍ଟ୍ରେଟଙ୍କ କଥା ଶୁଣି ଶ୍ରୀଯୁକ୍ତ କମିଶନର ସାହେବ ଯାହା ଜଣାଇଥିଲେ ତାହା ଗୋଟିଏ ଗୁରୁତର କଥା । ସେ କଥା ଏହି ଯେ ଆସେସର ଜମାବନ୍ଦିରେ ଅନେକ ଟଙ୍କା ଟିକସ ବଢ଼ାଇଥିଲେ ମାତ୍ର ଅପିଲରେ କମିଶନରମାନେ ଅଯଥା ଉଦାରତା ଦେଖାଇ ତହିଁର ଅଧିକାଂଶ କାଟିଦେଲେ । ଏଥିରୁ ଆସେସରଙ୍କର ବନ୍ଦୋବସ୍ତ ଅଥବା କମିଶନରମାନଙ୍କର ଅପିଲ ବିଚାର ଭୁଲ ଥିଲା ଏହା ଅନୁସନ୍ଧାନ ଦ୍ୱାରା ବୁଝିବାର ଉଚିତ ନ ଥିଲା କି ? ଓ ବିନା ତଦନ୍ତରେ ଦୋଷ ଦେବା ନ୍ୟାୟସଙ୍ଗତ କି ? ଯେପରି ଭାବରେ ଗବର୍ଣ୍ଣମେଣ୍ଟଙ୍କର ମନ୍ତବ୍ୟ ଲିପିବଦ୍ଧ ହୋଇଅଛି ତହିଁରୁ ସ୍ପଷ୍ଟ ଜଣାଯାଉଅଛି ଯେମନ୍ତ ମାଜିଷ୍ଟ୍ରେଟଠାରୁ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ସମସ୍ତଙ୍କର ଧାରଣା ଏହି ଯେ ଆସେସର ଠିକ ବନ୍ଦୋବସ୍ତ କରିଥିଲେ ଓ କମିଶନରମାନେ ଅପିଲରେ ଅନ୍ୟାୟରୂପେ ତାହା ବିଫଳ କଲେ । କମିଶନରମାନେ ଭଦ୍ରଲୋକ ଓ ଅପିଲ ଯେଉଁମାନେ ନିଷ୍ପତ୍ତି କରିଥିଲେ ସେମାନଙ୍କ ମଧ୍ୟରେ କରଦାତା ଏବଂ ଗବର୍ଣ୍ଣମେଣ୍ଟ ଉଭୟଙ୍କର ମନୋନୀତ ବ୍ୟକ୍ତିମାନେ ଥିଲେ । ସମସ୍ତଙ୍କୁ ଅକାରଣ ନିନ୍ଦା କରିବାରେ ଗବର୍ଣ୍ଣମେଣ୍ଟଙ୍କର ମହତ୍ତ୍ୱ ପ୍ରକାଶ ହୋଇ ନାହିଁ କିମ୍ବା ଯେଉଁମାନେ ସାଧାରଣ ହିତାର୍ଥେ ବିନା ବେତନରେ ଏତେ ପରିଶ୍ରମ ଓ କଷ୍ଟ ସ୍ୱୀକାର କଲେ ସେମାନଙ୍କ ପ୍ରତି ସୁବିଚାର ହୋଇ ନାହିଁ ଆସେସରଦ୍ୱାରା ଟିକସ ଧାର୍ଯ୍ୟ କରିବା ପ୍ରଥା କେବଳ ଗତ ବନ୍ଦୋବସ୍ତରେ ଏଠା ମିଉନିସିପାଲିଟିରେ ପ୍ରଚଳିତ ହୋଇଥିଲା ଏବଂ ସେ [illegible] ବନ୍ଦୋବସ୍ତ କରିବେ ତହିଁପ୍ରତି ସମସ୍ତଙ୍କର ଦୃଷ୍ଟି ଥିଲା । ଅନ୍ତିମରେ ଦେଖାଗଲା ଯେ ତାହାଙ୍କର ବନ୍ଦୋବସ୍ତ ନିତାନ୍ତ ଅନ୍ୟାୟ ଓ ବେଆଇନ ହେଲା । କରଦାତାମାନେ କ୍ଷୁବ୍ଧ ଓ ବିରକ୍ତ ହୋଇ ମେଉନିସିପାଲ କଚେରୀ ପଡ଼ିଆରେ ବିରାଟ ସଭା କଲେ । ସହସ୍ର ଲୋକ ସମବେତ ହୋଇ ବନ୍ଦୋବସ୍ତର ଅତ୍ୟାଚାର ବର୍ଣ୍ଣନା କରି ସାହି ଛାଡ଼ିଲେ । ସଭାର କାର୍ଯ୍ୟ ବିବରଣ ଓ ନିର୍ଦ୍ଧାରଣ ମେଉନିସିପାଲିଟିର ଚେୟାରମାନ, ଜିଲ୍ଲା ମାଜିଷ୍ଟ୍ରେଟ କମିଶନର ସାହେବ ଏବଂ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଗଲା ମାତ୍ର ଏତେ ହାକିମ ମଧ୍ୟରୁ ସେ ସମ୍ବନ୍ଧରେ କାହାର ଆସନ ଟଳିଲା ନାହିଁ । ସମ୍ଭବତଃ ସମସ୍ତେ ମନେ କଲେ ଯେ କରଦାତାମାନେ ନ୍ୟାଯ୍ୟ ଟିକସ ନ ଦେବା ଅଭିପ୍ରାୟରେ ଏତେ ଗଣ୍ଡଗୋଳ କରୁଅଛନ୍ତି । ସହସ୍ର ଲୋକ ଯହିଁ-

Digitized by srujanika@gmail.com

ରେ ଲୁପ୍ତ ଓ ଦୁଃଖିତ ତହିଁର କଛି ମୂଳ ଥିବ ଏ କଥା କାହାର ମନରେ ଉଦୟ ହେଲା ନାହିଁ ଅମ୍ଭେମାନେ ସେ ସମୟରେ ଆଶେସରଙ୍କର କାର୍ଯ୍ୟ ପ୍ରଣାଳୀ ଦେଖି ତାହାଙ୍କୁ ଆବଶ୍ୟକୀୟ ଉପଦେଶ ଦେବା କାରଣ ମିଉନିସିପାଲିଟିର ଚେଅରମାନଙ୍କୁ ଅନୁରୋଧ କରିଥିଲୁଁ ସେ ଯେ-ବେ ତାହା କରିଥାନ୍ତେ ତେବେ ଆଶେସରଙ୍କର ଅନ୍ୟାୟ ନିର୍ଦ୍ଧାର୍ଯ୍ୟ ଅନେକ ପରିମାଣରେ ସୁଧରି ଯାଇଥାନ୍ତା । ସେ ତାହା କଲେ ନାହିଁ କିମ୍ବା ମିଉନିସିପଲ କମିଶନରମାନେ ସେ ସମ୍ବନ୍ଧରେ ଚେଆରମାନଙ୍କୁ କିଛି ପ୍ରଶ୍ନ କଲେ ନାହିଁ କମିଶନରମାନଙ୍କର ବନ୍ଦୋବସ୍ତ ସମ୍ପର୍କରେ କିଛି ତ୍ରୁଟି ଥିଲେ ତାହା ଏଭଳି ଅଟେ ଏବଂ ତାହା ତ୍ରୁଟି ନୁହେ ବୋଲି ଅମ୍ଭେମାନେ କହିବାକୁ ପ୍ରସ୍ତୁତ ନୋହୁଁ । ଯେତେବେଳେ ଆଶେସରଙ୍କର ବନ୍ଦୋବସ୍ତକୁ ଚେଅରମାନ ଗ୍ରହଣ କରି କାର୍ଯ୍ୟ ତାଲିକା ପ୍ରଚାର କଲେ ତେତେବେଳେ କରଦାତାମାନେ ଅଗଣନ ଅପିଲ କଲେ ଏବଂ କ୍ଷିପ୍ର ଅପିଲ ଦାଖଲ ହେବାରୁ ଯଥା ସମୟରେ ସେ ସବୁ ନିଷ୍ପତ୍ତି କରିବା କାରଣ ଛଅଟା ଅପିଲ କମିଟି ଗଠିତ ହେଲା । ପ୍ରାୟ ମା ୪ ପରେ ଅପିଲ ନିଷ୍ପତ୍ତି ଶେଷ ହେଲା ଏବଂ ଭିନ୍ନ ଅପିଲ କମିଟିର ନିଷ୍ପତ୍ତିର ଫଳ ପ୍ରାୟ ସମାନ ପଡ଼ିଲା । ତହିଁରୁ ସ୍ପଷ୍ଟ ଜଣାଗଲା ଯେ ଆଶେସରଙ୍କର ବନ୍ଦୋବସ୍ତ ନିତାନ୍ତ ଅନ୍ୟାୟ ଥିଲା ଏବଂ ଅପିଲ କାର୍ଯ୍ୟରେ ନିଯୁକ୍ତ ଥିବା କମିଶନରମାନେ ସୁବିଚାର କରିବାଦ୍ୱାରା ସେମାନଙ୍କର ପୂର୍ବ ତ୍ରୁଟି ଉତ୍ତମରୂପେ ସଂଶୋଧନ କରିନେଲେ । ଅପିଲ ନିଷ୍ପତ୍ତିରେ ମା ୪ ସ ବାହାରିଯିବାରୁ ଟିକସ ଆଦାୟରେ ବିଲମ୍ବ ଘଟିଲା । ପରିଶେଷରେ ଯେତେବେଳେ ଜିଲା ମାଜିଷ୍ଟ୍ରେଟ ଓ କମିଶନର ଦେଖିଲେ ଯେ ଆଶେସରଙ୍କର ନିର୍ଦ୍ଧାରିତ କର ଅଧିକାଂଶ ଅପିଲରେ କଟିଯାଇ ଅଛି ତେତେବେଳେ ତହିଁର କିଛି ଅନୁସନ୍ଧାନ ନ କରି କ ମିଉନିସିପଲ କମିଶନରମାନଙ୍କୁ କିଛି ନ ପଚାରି ସବୁ ଦୋଷ କମିଶନରମାନଙ୍କ ମୁଣ୍ଡରେ ଢାଳିଦେଲେ ଏବଂ ଗବର୍ଣ୍ଣମେଣ୍ଟ ତାହା ଅନାୟାସରେ ଗ୍ରହଣ କଲେ । ଯେମନ୍ତ କ କେହି ଆଶେସର ନିଯୁକ୍ତ ହେଲେ ସର୍ବଜ୍ଞ ହୋଇଯାଏ ଓ ଯେ ତାହାର ବିପକ୍ଷତ କରେ ବା କହେ ସେ ମନ୍ଦ ! ଗବର୍ଣ୍ଣମେଣ୍ଟ କହିଅଛନ୍ତି ଆଶେସର ଦ୍ୱାରା ଉଲ ଟିକସ ବନ୍ଦୋବସ୍ତ ହେବ । ସୁତରାଂ ମାଜିଷ୍ଟ୍ରେଟ ଓ କମିଶନର ତହିଁର ପୋଷକତା କରିବାରେ ଅଗ୍ରସର ହେଲେ । ମାଜିଷ୍ଟ୍ରେଟ ଓ କମିଶନର ଉଭୟଙ୍କର ସଦର ମୁକାମ ମିଉନିସିପାଲିଟି ମଧ୍ୟରେ ସେମାନେ ଇଚ୍ଛା କରିଥିଲେ କାର୍ଯ୍ୟ ରେକଣ୍ଟ୍ରୀ ସଙ୍ଗେ ଦୁଇ ଏକ ବନ୍ଦୋବସ୍ତର ଭୁଲ ନେଇ କାର୍ଯ୍ୟ ପରୀକ୍ଷା କରିଥିଲେ, ଆଶେସର କମ୍ବା ଅପିଲ କମିଟିର ଭୁଲ ହୋଇଅଛି ଦୁଇ ଘଣ୍ଟାରେ ବୁଝିପାରିଥାନ୍ତେ । ତାହା ନ କରି ଘରେ ବସି ଏକପକ୍ଷର କଥା ଶୁଣିବା ନିତାନ୍ତ ଅନ୍ୟାୟ ଏବଂ ତହିଁରୁ ଏତିକି ବୁଝାଯାଉଅଛି କି ବେସରକାରୀ ଭଦ୍ରଲୋକଙ୍କଠାରୁ ବେତନଭୋଗୀ କର୍ମଚାରୀଙ୍କ ପ୍ରତି ହାକିମମାନଙ୍କର ଅଧିକ ବିଶ୍ୱାସ ଓ ଆସ୍ଥା ତାହାହେଲେ ଆତ୍ମଶାସନ ପ୍ରଣାଳୀ ରଖିବାର ପ୍ରୟୋଜନ ନାହିଁ ଓ ତାହା ଶୀଘ୍ର ଉଠାଇଦେବା ଉଚିତ ।

---

## ବଙ୍ଗେଶ୍ୱର ପୁରୀରେ

ଗତବୁଧବାର ସକାଳ ଘ ୭॥ ଟା ସମୟରେ ବଙ୍ଗେଶ୍ୱର ସର ଫ୍ରେଜର ବାହାଦୁରଙ୍କର ସ୍ପେସିୟଲ ଟ୍ରେନ କଟକ ଷ୍ଟେସନରେ ପହଞ୍ଚି ଦୁଇ ଚାରି ମିନଟ ଅଟକି ଶ୍ରୀଯୁକ୍ତ ଜେ,ଜି, ଗୁପ୍ତ କମିଶନର ସାହେବଙ୍କୁ ନେଇ ପୁରୀକୁ ଯାତ୍ରା କଲେ । ସେ ପହଞ୍ଚିବା ବେଳକୁ ଦିନ ୧୧ ଘଣ୍ଟା ହୋଇଥିଲା । ମାନ୍ୟବର ମହୋଦୟ ରେଲଗାଡ଼ିରେ ବିଶ୍ରାମ କରି ଅପରାହ୍ନ ଘ ୪ ଟା ସମୟରେ ହାତୀରେ ଆରୋହଣ ପୂର୍ବକ ବଡ଼ଦାଣ୍ଡ ବାଟେ ବଗୁଲା ଧର୍ମଶାଳା, ଧୂଳିଗୃହ ରେଷ୍ଟହାଉସ ପ୍ରଭୃତି ଦେଖି ଦେଉଳ ପାଖଦେଇ ସମୁଦ୍ର କୂଳକୁ ଯାଇ ବାୟୁ ସେବନାନନ୍ତର ରାତ୍ରରେ ନିଜର ରେଲଗାଡ଼ିକୁ ବିଜେକଲେ । ଗୁରୁବାର ସକାଳ କେବଳ ଲେଡିଫ୍ରେଜର ବାହାର ଦେଉଳର ନକସା ନେଇଥିଲେ । ଲେଫଟେଣ୍ଟ ଘ୧୧॥ଟା ସମୟରେ ସର୍କିଟ ବଙ୍ଗଳାକୁ ବିଜେକରି ସେଠାରେ ରଜା, ମହନ୍ତ ଓ ଭଦ୍ରବ୍ୟକ୍ତିମାନଙ୍କୁ ସାକ୍ଷାତ ଦେଲେ । କେତେକ ଭଦ୍ରଲୋକଙ୍କୁ ପୁରୀରେ ଯାତ୍ରିଟିକସ ଧାର୍ଯ୍ୟ କରିବା ସମ୍ବନ୍ଧରେ ମତ ପଚାରିଥିଲେ । ଅନ୍ୟାନ୍ୟ ସାକ୍ଷାତକାରୀଙ୍କ ମଧ୍ୟରେ ପାରିକୁଦର ରଜା ବାହାଦୁର ନିଜର ଅବସ୍ଥା ଜଣାଇଥିଲେ । ଦିବା ଘ ୧ ଟାଠାରୁ ଘ ୨ ଟା ପର୍ଯ୍ୟନ୍ତ କଚେରୀ ପରିଦର୍ଶନ କରି ପରେ କଲେକ୍ଟର ସାହେବଙ୍କ କୋଠିକୁ ବିଜେ କରିଥିଲେ । ସନ୍ଧ୍ୟା ଘ ୫ ଟା ସମୟରେ ସେଠାରୁ ବାହାରି ଆତସବାଜି ଦେଖି ନିଜର ଖାସ ଟ୍ରେନକୁ ପ୍ରସ୍ଥାନ କରିଥିଲେ । ଗତ କାଲି ସକାଳ ଘ ୬ ଟା ସମୟରେ ପୁରୀରୁ ଯାତ୍ରା କରି ବାଟରେ ଭୁବନେଶ୍ୱର ପରିଦର୍ଶନ କରି ଦିବା ଘ ୯ ଟା ସମୟରେ କଟକରେ ପହଞ୍ଚିଲେ ।

---

## କଟକରେ ଲେଫଟେଣ୍ଟ ।

ବଙ୍ଗଳାର ଲେଫ୍ଟେନେଣ୍ଟ ଗବର୍ଣ୍ଣର ମାନ୍ୟବର ସର୍ ଏଣ୍ଡ୍ରୁ ଫ୍ରେଜର ବାହାଦୁର ଗତକାଲି ସକାଳ ଘ ୯ ଟାରେ ଖାସ ରେଲରେ ପୁରୀଠାରୁ ଏଠାରେ ବିଜେକମାନ ହେଲେ । ଷ୍ଟେସନ ସମ୍ମୁଖରେ ତାହାଙ୍କର ଅଭ୍ୟର୍ଥନା କାରଣ ଗୋଟିଏ ସୁନ୍ଦର ମଣ୍ଡପ ରଚନା ହୋଇଥିଲା ଏବଂ ଏ ନଗରର ଅନେକ ଇଉରୋପୀୟ ଓ ଦେଶୀୟ ସରକାରୀ ଓ ବେସରକାରୀ ଭଦ୍ରଲୋକ ସେଠାରେ ସମବେତ ହୋଇଥିଲେ । ବେସରକାରୀ ବ୍ୟକ୍ତିଙ୍କ ମଧ୍ୟରେ କନିକାର ରଜା, ତାଳଚେର ରଜା ଓ ପାଲଲହଡ଼ା ଓ ଢେଙ୍କାନାଳ ନାବାଳଗ ରଜାମାନେ ଉପସ୍ଥିତ ଥିଲେ । ମାନ୍ୟବର ମହୋଦୟଙ୍କର ପ୍ରବେଶ ମାତ୍ରେ ସମ୍ମାନସୂଚକ ତୋପବାଜି ଫାଏର ହେଲା ଏବଂ ପଲଟନ୍ ଓ ପୁଲିସଦଳ ସଲାମି ପରେଡ କଲେ । ମଣ୍ଡପ ମଧ୍ୟରେ ମାନ୍ୟବର ମହୋଦୟ ଆସନ ଗ୍ରହଣ କଲାରୁ ଓଡ଼ିଶାବାସିଙ୍କ ପକ୍ଷରୁ ଅଭ୍ୟର୍ଥନା କମିଟିର ସେକ୍ରେଟରୀ ବାବୁ ରାମଶଙ୍କର ରାୟ ନିମ୍ନଲିଖିତ ଇଂରାଜୀ ଅଭିନନ୍ଦନପତ୍ର ପାଠ କଲେ ଯଥା;

MAY IT PLEASE YOUR HONOUR,

WE, the members of a Committee representing the various Races, Nations and Creeds inhabiting the PROVINCE OF ORISSA, crave leave to approach Your Honour to express our hearty and loyal greetings of welcome to this town, whose importance in ancient history as the capital of the Province lends it special interest in spite of its present insignificance.

Nearly three centuries ago this ancient town witnessed the establishment of friendly relations with the English nation, which, in 1803, under the all-wise dispensation of Providence, were mellowed to loyal devotion to the British throne. In the fact that kind Providence has, just at the commencement of the second century of British administration in Orissa, placed us under Your Honour whose sympathy for the people has endeared him to the people of the Central Provinces, we find ample reason to be thankful to the Giver of all Good, to congratulate the people of Orissa and to heighten the cordiality of our greetings of welcome.

We pray to the King of Kings that He may grant unto Your Honour the wisdom and goodness to administer to His glory and the good of the people the country which contains the most progressive and advanced race and the most backward races of this great Indian Empire.

The people of Orissa have special reasons to be grateful to Your Honour for having visited the Province so soon after Your Honour's assumption of the office of the Lieutenant-Governor of Bengal, as this affords us an opportunity to bring to Your Honour's notice the public alarm which the rumour of severance of Orissa from Bengal and its annexation to Central Provinces

Split by PDF Splitter

Digitized by srujanika@gmail.com

Split by PDF Splitter



has created among all classes of people, in the fervent hope that in view of the injury to the interests of the Province which such readjustment of administration would bring with it Your Honour's sympathy for the people, which has always characterized your official and private life, will avert the threatened calamity.

We shall continue to pray to the Almighty Father in Heaven that He may grant you health, strength, and every blessing to rule over us.

ତହିଁର ମର୍ମ ଏହି କି ଓଡ଼ିଶାର ରାଜଧାନୀକୁ ଆପଣଙ୍କର ଶୁଭାଗମନ ହେତୁ ଓଡ଼ିଶା ବାସିମାନେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରୁଅଛନ୍ତି । ଆପଣ ମଧ୍ୟପ୍ରଦେଶର ଲୋକମାନଙ୍କ ପ୍ରତି ସହାନୁଭୂତି ଦ୍ୱାରା ସେମାନଙ୍କର ବିଶେଷ ପ୍ରୀତିଭାଜନ ହୋଇ ଥିବା କଥା ସ୍ମରଣ କରି ଓଡ଼ିଶାର ଲୋକମାନେ ଆନ୍ତରିକ ମଙ୍ଗଳ ପ୍ରଦାନ କରି ଆପଣଙ୍କର ଶାସନାଧୀନରେ ଆସିବା ହେତୁ ଈଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଦେଉଅଛନ୍ତି । ବିଶେଷତଃ ଆପଣ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ହେବାର ଅଳ୍ପ-କାଳରେ ଏଠାକୁ ଶୁଭାଗମନ କରିବାରୁ ଓଡ଼ିଶାର ଲୋକମାନେ ବିଶେଷ କୃତଜ୍ଞ ହେବାର କାରଣ ଏହି କି ଓଡ଼ିଶା ବଙ୍ଗଳାରୁ ବିଚ୍ଛିନ୍ନ ହୋଇ ମଧ୍ୟ-ପ୍ରଦେଶ ଭୁକ୍ତ ହେବା ଜନରବରେ ଏଠା ଲୋକ-ଙ୍କର ଯେଉଁ ତ୍ରାସ ଉପସ୍ଥିତ ହୋଇଅଛି ତାହା ଆପଣଙ୍କୁ ଶୀଘ୍ର ଜଣାଇବାର ସୁଯୋଗ ଘଟିଅଛି ଏବଂ ବଡ଼ ଆଶା ହେଉଅଛି ଯେ ତଦ୍ଦ୍ୱାରା ଏ ପ୍ରଦେଶର ଯେ ସମସ୍ତ କ୍ଷତି ହେବାର ଆଶଙ୍କା ଅଛି ଆପଣଙ୍କ ଚିରପ୍ରସିଦ୍ଧ ଲୋକାନୁରାଗ ସମ୍ମୁଖରେ ତାହା ବିଫଳ ହୋଇଯିବ । ଈଶ୍ୱର ଆପ-ଣଙ୍କର ମଙ୍ଗଳ କରନ୍ତୁ ।

ଏଥିର ଉତ୍ତରରେ ମାନ୍ୟବର ମହୋଦୟ କହିଲେ ଯେ

ଆପଣମାନଙ୍କର ଚମତ୍କାର ଅଭ୍ୟର୍ଥନା ଏବଂ ପ୍ରୀତିକର ଅଭିନନ୍ଦନପତ୍ର ନିମନ୍ତେ ଧନ୍ୟବାଦ ଦେଉଅଛୁଁ । ଅଭିନନ୍ଦନପତ୍ରରେ ବ୍ରିଟିଶଗବର୍ଣ୍ଣ-ମେଣ୍ଟ ଏବଂ ସମ୍ରାଟଙ୍କ ପ୍ରତି ଯେ ପ୍ରକାର ରାଜ-ଭକ୍ତି ଏବଂ ଆମ୍ଭ ପ୍ରତି ଯେ ସ୍ନେହ ଓ ମଙ୍ଗଳ କାମନା ପ୍ରକାଶ ହୋଇଅଛି ସେ ସମସ୍ତ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଅମ୍ଭେ ଏଥି ପୂର୍ବେ ସରକାରୀ କାର୍ଯ୍ୟୋପଲକ୍ଷେ ଦୁଇଥର ଏ ନଗରକୁ ଆସିଥିଲୁଁ ଓ ମଧ୍ୟପ୍ରଦେଶର ଫେଉଡ଼େଟରୀ ଷ୍ଟେଟ୍ସର ଥାଇ ଦେଖିଅଛୁଁ ଯେ ଓଡ଼ିଶାର ଗଡ଼ଜାତ ସମ୍ବଲପୁରର ଜାତି ନୀତି ପ୍ରାକୃତିକ ଦୃଶ୍ୟ ଇତ୍ୟାଦି ସଙ୍ଗେ ଏ ପ୍ରଦେଶର ବିଶେଷ ସୌସାଦୃଶ୍ୟ ଅଛି ତେଣୁ

ଏ ପ୍ରଦେଶକୁ ଅମ୍ଭେ ମନୋହର ବୋଧ କରୁଁ ଏବଂ ଏଠାର ଅବସ୍ଥା ଅବଗତ ହେବା କାରଣ ଶୀଘ୍ର ଆସିଅଛୁଁ । ଓଡ଼ିଶା ମଧ୍ୟପ୍ରଦେଶ-ଭୁକ୍ତ ହେବାର ଜନରବ ଶୁଣି ଏଠା ଲୋକେ ଭୀତ ହେବାର ଆପଣମାନେ ଲେଖିଅଛନ୍ତି । ମାତ୍ର ତହିଁର କିଛି ହେତୁ ନାହିଁ । ସେପରି କୌଣସି ପ୍ରସ୍ତାବ ଗବର୍ଣ୍ଣମେଣ୍ଟଙ୍କର ସମ୍ମୁଖରେ ଆଗତ ହୋଇ ନାହିଁ । ଯେବେ କୌଣସି ସମୟରେ ଉପସ୍ଥିତ ହେବ ତେବେ ଆପଣମାନେ ନିଶ୍ଚୟ ଜାଣିବେ ଯେ ଜିଲ୍ଲା ହାକିମଙ୍କଠାରୁ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ସମସ୍ତେ ଚତୁର୍ଦ୍ଦିଗ ଦର୍ଶନ ଏବଂ ଲୋକ-ମାନଙ୍କର ମତ ଗ୍ରହଣ ପୂର୍ବକ ଉଚିତ ବିଚାର କରିବାକୁ କିଛି ମାତ୍ର ତ୍ରୁଟି କରିବେ ନାହିଁ ଏବଂ ସମସ୍ତଙ୍କର ହିତ ଓ ସ୍ୱାର୍ଥ ପ୍ରତି ବିଶେଷ ଦୃଷ୍ଟି ରଖିବେ । ଆପଣମାନେ ନିଶ୍ଚିନ୍ତ ହେଉନ୍ତୁ ଏବଂ ଲୋକଙ୍କର ଅକାରଣ ଭୟ ଦୂର କରିବାକୁ ଯତ୍ନବାନ୍ ହେଉନ୍ତୁ !

ଅତଃପର ମାନ୍ୟବର ମହୋଦୟ ସଖୀ ଫଣୀ କରି ଖାସ ଟ୍ରେନରେ ଗ୍ରେଜ୍‌କାଲେ ଘୋଡ଼ା-ଗାଡ଼ିରେ ନଗରଅଭିମୁଖେ ବିରାଜମାନ ହେଲେ । ଅଭ୍ୟର୍ଥନା ମଣ୍ଡପଠାରୁ ରାଣୀହାଟ ବକସିବଜାର ବାଲୁବଜାରବାଟେ ଲାଲବାଗ କୋଠି ପର୍ଯ୍ୟନ୍ତ ସମସ୍ତ ସଡ଼କ ପତ୍ର ପତାକା ଓ ଗୃହଶ୍ରେଣୀ ଫାଟକଦ୍ୱାରା ସୁଶୋଭିତ ଓ ପୁଲିଶ ଚୌକିଦାର ପ୍ରଭୃତିଦ୍ୱାରା ସୁରକ୍ଷିତ ହୋଇଥିଲା । ମାନ୍ୟବର ମହୋଦୟ ବାଟରେ ଜେନେରଲ ହସପିଟଲ ପାଗଳଖାନା, ଜେଲଖାନା ଅଦାଲତ, ଓ କଲେଜ ଓ କଲେକ୍ଟରୀ ଓ କମିଶନରୀ କଚେରୀ ମାନ ପରିଦର୍ଶନ କରି ଲାଲବାଗ କୋଠିରେ ପ୍ରବେଶ ହେଲେ । ମଧ୍ୟାହ୍ନ କାଳରେ ଆମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କୁ ସାକ୍ଷାତ ଦେଲେ । ତଦନନ୍ତର ଶ୍ରୀମତୀ ଫ୍ରେଜର ମହୋଦୟାଙ୍କର (At home) ସମ୍ମିଳନୀ ହେଲା । ଜଳପାନ ପରଠାରୁ ଅପରାହ୍ନ ସାଢ଼େ ୪ଟା ବେଳେ ମାନ୍ୟବର ମହୋଦୟ ଗ୍ରାଣ୍ଡଟ୍ରଙ୍କ ବାଟେ କନିକା ରାଜାଙ୍କ ନଅରକୁ ବିଜେ କରି ରାଜାଙ୍କର ଉଦ୍ୟାନ ମିଳନ ଆମନ୍ତ୍ରଣ ରକ୍ଷା କଲେ । ଆମନ୍ତ୍ରିତ ଅନେକ ଇଉରୋପୀୟ ଓ ଦେଶୀୟ ଭଦ୍ରଲୋକ ଏକତ୍ରିତ ହୋଇଥିଲେ ଏବଂ ଏଠାର ସମସ୍ତ ବନ୍ଦୋବସ୍ତ ଅତି ସୁନ୍ଦର ହୋଇଥିଲା । ସେମାନଙ୍କର ଆମୋଦ ପ୍ରମୋଦ ନିମନ୍ତେ ନାନାପ୍ରକାର କ୍ରୀଡ଼ା କୌତୁକ, ଇଉ-ରୋପୀୟ ଓ ଦେଶୀୟ ଜଳପାନ, ବେଷ୍ଟକାର ଆତସବାଜି ଇତ୍ୟାଦି କୌଣସି ଆୟୋଜନର ତ୍ରୁଟି ନ ଥିଲା । ମାନ୍ୟବର ମହୋଦୟ ପ୍ରଫୁଲ୍ଲ ଚିତ୍ତରେ ସର୍ବତ୍ର ଭ୍ରମଣ, କ୍ରୀଡ଼ାଦି ଦର୍ଶନ ଏବଂ ମାନ୍ୟ ଗଣ୍ୟ ବ୍ୟକ୍ତିଙ୍କ ସହିତ ସଦାଳାପ

କରି ସନ୍ଧ୍ୟା ପରେ ପଲଟନ ବାଟେ ରେଲ-ଷ୍ଟେସନକୁ ପ୍ରସ୍ଥାନ କଲେ । ରାତ୍ରରେ କଲେକ୍-ଟର ସାହେବଙ୍କ କୋଠିରେ ଭୋଜ ହୋଇଥିଲା ଓ ରେଲ ଷ୍ଟେଶନରେ ନିଜର ଖାସ ଟ୍ରେନରେ ଶୟନ କରିଥିଲେ । ସୁତରାଂ ସେହିଠାରେ ତାଙ୍କର ବସା ହୋଇଥିଲା ।

ଅଦ୍ୟ ପ୍ରାତଃକାଳରେ ସେ ବାଲେଶ୍ୱରକୁ ପ୍ରସ୍ଥାନ କରିଥିବେ ।

---

# ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ଏ ନଗରରେ ଆକାଶ ନିର୍ମଳ ଏବଂ ଶୀତ ପ୍ରବଳ ଥିଲା । ମାତ୍ର ଗତ ତି ୨ ଦ ମେଘ ହୋଇ ଶୀତାର ବୃଦ୍ଧି ହୋଇଥିଲା ଏବଂ ଶୀତ ମଧ୍ୟ ଊଣାଥିଲା ।

ଏ ସପ୍ତାହରେ ଏ ନଗରରେ ଓଲଉଠା ରୋଗରେ ନ୍ୟୁନ ଲୋକ ମରିଥିଲେ । ବସନ୍ତ ରୋଗର ପ୍ରକୋପ ଅଛି ନାହିଁ । ଜ୍ୱର ମଧ୍ୟ ଊଣାପଡ଼ିଅଛି ।

ଗତ ସୋମବାର ସନ୍ଧ୍ୟାସମୟରେ ଏ ନଗର ମୁଦ୍ରାହାଟ ନିବାସୀ ବାବୁ ବ୍ରଜମୋହନ ଘୋଷଙ୍କର ଚୌଧୁରୀଙ୍କର ବ୍ରାହ୍ମମତରେ ବିବାହ ହୋଇଥିଲା । ଏ ନଗରର ଅନେକ ବିଶ୍ୱଲୋକ ସେହି ଶୁଭ କ୍ରିୟାରେ ଯୋଗ ଦେଇଥିଲେ ।

ପାଦରୀ ଏସ୍ ଏଲ, ଲୋହାନିଷ୍ଣାଇବର୍ଗସାହେବ କଟକର ଫ୍ରପଲେନ ନିଯୁକ୍ତ ହୋଇଅଛନ୍ତି ।

ଏଠା କଲେକ୍ଟରୀ କଚେରୀରେ ସଦର ସବଡିଭିଜନ ଏବଂ କଚେରୀର ସ୍ଥାନ ଉଣା ହେବାରୁ ଗୋଟିଏ ନୂତନ କଚେରୀଘର ନିର୍ମାଣ ହେବାର ଗବର୍ଣ୍ଣମେଣ୍ଟ ମଞ୍ଜୁର କରି-ଅଛନ୍ତି ।

ଅପରିଷ୍କୃତ ରାସ୍ତାଘାଟ ସେବନରେ ଭୟଙ୍କର ରୋଗ ଜାତ ହୋଇ ବସନ୍ତ ଏବଂ ବ୍ୟାଧି ଲେଖିଅଛନ୍ତି । ବସନ୍ତରେ ଟିକା, ବା ଦୁର୍ଭିକ୍ଷ ବ୍ୟବହାର କରିଅଛି ଏବଂ ଏଦେଶରେ ସେ ରୋଗ କ୍ରମେ ବଢ଼ୁଅଛି ।

କୃଷ୍ଣନଗରର ପୁଷ୍କରିଣୀ ମୁଦ୍ରିତ ଉଦ୍ଧାର ପ୍ରସ୍ତାବ କରିବା ହେତୁ ପ୍ରସ୍ତାବ । ଜିଲ୍ଲାର ଲୋକ-ବୋର୍ଡ ଏଥିରେ ଏକଜଣ ବୃଦ୍ଧକାଳିକୁ ପାଞ୍ଚ ଅଙ୍କ, ଅବଶିଷ୍ଟ ପ୍ରସ୍ତୁତ ଏବଂ ରକ୍ଷା କର୍ତ୍ତ କରିବା କାର୍ଯ୍ୟ ନିର୍ବାହାର୍ଥେ କୋଟାଇ ଅର୍ଥ ପ୍ରେରଣ କରିଅଛନ୍ତି ।

ନେ କୋଠମ୍ବାର ସପ୍ତାହରେ ଏପ୍ରେଲ ତା ୧୮ ଗତ ଜିଲ୍ଲା ଏ ପର୍ଯ୍ୟନ୍ତ ୧୮ ହଜାର କଲେକ୍ଟରଙ୍କ ଅର୍ଥଦାନ ଦୁର୍ଭିକ୍ଷ ହସ୍ତରେ ନିଧନପ୍ରାପ୍ତ ହୋଇଅଛନ୍ତି ।

ବସନ୍ତରେ ସେ ହିସାବ କରି ସ୍ଥାପିତ ହୋଇଅଛି, ଜଣ ସେବ ସେ କରି ଦେଲେ ନାହିଁ ତାହାର ୨୨ ଜଣଙ୍କର ମୃତ୍ୟୁ ହେବାର ଶାଳିଷ୍ଣୁ ଜାତ ହୋଇଅଛି ।

ଦରଗାଜମାନେ ବୋଷ୍ଟାଇ ପ୍ରଦେଶର ଏକ ସମ୍ପାଦ ନଷ୍ଟ କରୁଅଛନ୍ତି । ଜନ୍ମାଷ୍ଟମୀରେ କଥିତ ଗଲେ ଅନିଷ୍ଟ କରୁଅଛନ୍ତି ।

Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ ! —

୨୫-୧୦-୦୩ ରେ ଅତ୍ରତ୍ୟ ନୂତନ ପ୍ରତିଷ୍ଠିତ ଉତ୍କଳଦାୟିନୀ ସମିତିର ଷାଣ୍ମାସିକ ଅଧିବେଶନ ହୋଇଥିଲା । ସୁଖର ବିଷୟ କଟକ ଜିଲ୍ଲା ଅନ୍ତର୍ଗତ ଆଠଗଡ଼ ମଧ୍ୟଇଂରାଜୀ ସ୍କୁଲର ହେଡ଼ ପଣ୍ଡିତ ଶ୍ରୀଯୁକ୍ତ ପୀତାମ୍ବର ପ୍ରହରାଜ ମହାଶୟ ଉପସ୍ଥିତ ହୋଇଥିଲେ । ସଭାପତି ଶ୍ରୀ ସାମନ୍ତ ବାଇକୋଳ ମହାପାତ୍ର ମହାଶୟଙ୍କ ଆଦେଶାନୁସାରେ ଗତ ଅଧିବେଶନର ମନ୍ତବ୍ୟ ପାଠ ଓ ସନ୍ତାନମାନଙ୍କର ଶିକ୍ଷାବିଷୟକ ସମାଲୋଚନା ଉତ୍ତାରୁ ସର୍ବସମ୍ମତିକ୍ରମେ ନିମ୍ନ ଲିଖିତ ସିଦ୍ଧାନ୍ତରେ ଉପସ୍ଥିତ ହୋଇଥିଲେ

୧ । ଅଭିଭାବକମାନେ ଶିଶୁମାନଙ୍କୁ ୩ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ନିଜ ନିଜ ମାତାଙ୍କଦ୍ୱାରା କାହିଶିକ୍ଷା ଦେଉଥିବେ ଏବଂ ୬ ବର୍ଷଠାରୁ ବିଦ୍ୟାଳୟକୁ ପଠାଇବାକୁ ଯତ୍ନବାନ ହେବେ ।

୨ । ସନ୍ତାନମାନଙ୍କର ଉନ୍ନତି ଓ ଅବନତି ଅନେକାଂଶରେ ସଂସର୍ଗକୁ ଅପେକ୍ଷା କରେ ଅତଏବ ସେମାନଙ୍କର ସତ୍‌ସଂସର୍ଗ ପ୍ରତି ଦୃଷ୍ଟି ରଖିବେ

୩ । ପ୍ରତ୍ୟେକ ଅଭିଭାବକ ଶୈଶବକାଳରେ ସନ୍ତାନମାନଙ୍କୁ ସତ୍ୟକଥନର ଶିକ୍ଷା ଦେବେ ।

୪ । ସନ୍ତାନମାନଙ୍କୁ ବାଲ୍ୟାବସ୍ଥାରେ କାଳ୍ପନିକ ଭୟ ଦେଖାଇବେ ନାହିଁ । ପରେ ଜଣେ ପଣ୍ଡିତ ଶ୍ରୀ ରାମଚନ୍ଦ୍ର ମିଶ୍ର ମହାଶୟ ଗୋଟିଏ ପ୍ରବନ୍ଧ ପାଠ କରିଥିଲେ, ପ୍ରାଚୀନ ଆର୍ଯ୍ୟମାନଙ୍କର ଶିଳ୍ପ, ଗୀତ, ଶସ୍ତ୍ର ଓ ଶାସ୍ତ୍ର ନୈପୁଣ୍ୟ ପ୍ରତି ବିଷୟରେ ଗୋଟିଏ ପ୍ରବନ୍ଧ ପାଠ କଲେ ଏବଂ ଆଠଗଡ଼ ମଧ୍ୟଇଂରାଜୀ ସ୍କୁଲ ହେଡ଼ପଣ୍ଡିତ ମହାଶୟ ଅନେକ ଉତ୍ସାହ ପୂର୍ଣ୍ଣ ଉପଦେଶମାନ ପ୍ରଦାନ କରିଥିଲେ । ତତ୍ପରେ ସଭା ଭଙ୍ଗ ହୋଇଥିଲା ।

୨୮-୧୧-୦୩
ଉତ୍କଳ ଦାୟିନୀ ସମିତି
ନରସିଂହପୁର ।

ବଶମ୍ବଦ
ଶ୍ରୀ ହଳଧର ରଥ ଶର୍ମା
ସମ୍ପାଦକ ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଚନ୍ଦ୍ରମଣି ଚୌଧୁରି | କଟକ | ଟ ୨ |
| ଜଗନ୍ନାଥ ମହାପାତ୍ର | " | ଟ ୧ |
| ଧର୍ମାନନ୍ଦ ପଟ୍ଟନାୟକ | | ଟ ୧ |
| ସୋମନାଥ ଦାସ | ଜଗନ୍ନାଥ | ଟ ୩ |
| ରଘୁ ଦାସ | ମଧୁପାଟଣା | ଟ ୩ |
| ଚନ୍ଦ୍ରଶେଖର ଦାସ | ବାଲେଶ୍ୱର | ଟ ୧। |


## ବିଜ୍ଞାପନ ।

### ପାରିଜାତହରଣ ନାଟକ ।

ଅତି ମନୋହର ନାନାରସପୂର୍ଣ୍ଣ ଭଲ ଭଲ ଗୀତ ସୁନ୍ଦର ମନୋମୁଗ୍ଧକାରୀ ବର୍ଣ୍ଣନା ପଢ଼ିବାକୁ ଆରମ୍ଭ କଲେ ଶେଷ ନ କରି ଛାଡ଼ିପାରିବ ନାହିଁ । ଏଥିରେ ସତ୍ୟଭାମାଙ୍କର ବିରହ ଓ ସପତ୍ନୀ ହିଂସା । ନାରଦଙ୍କର ଗୃହଭଙ୍ଗ, ରୁକ୍ମିଣୀଙ୍କର ମହତ୍ତ୍ୱ, ଇନ୍ଦ୍ର ଓ ଶ୍ରୀକୃଷ୍ଣଙ୍କର ସମର, ଅପ୍‌ସରାମାନଙ୍କର ସୁଲଳିତ ଗୀତ, ସାତ୍ୟକିର ବୀର ରସୋଦ୍ଦୀପକ ବକ୍ତୃତା, ବାମଦେବଙ୍କର ପିତୃଭକ୍ତି, ମଉଅଲ୍ଲା ଚୌକିଦାରମାନଙ୍କର ଖେଳ ଓ ପରଶେଷରେ ଉଦ୍ଧବଙ୍କର ପ୍ରଗାଢ଼ ହରିଭକ୍ତି ଓ ହରିନାମର ମହାତ୍ମ୍ୟ ପାଠ କରି ନିଶ୍ଚୟ ମୋହିତ ହେବ । କଟକ ପ୍ରିଣ୍ଟିଂ କମ୍ପାନୀଙ୍କର ଦରଘାବଜାର ଶାଖାଶାଳାରେ ମିଳେ ।

ମୂଲ୍ୟ ପ୍ରତିଖଣ୍ଡକୁ ଟ ୦ ୷୨

# J. KIPPAX & Co.'s
## PREPARATIONS.
## ଯେ, କିପାକ୍ସ ଏଣ୍ଡ କୋମ୍ପାନିର ଔଷଧ ।

୧ । ଦନ୍ତଶୋଧକ ଚୂର୍ଣ୍ଣ—(ଟୁଥ୍ ପାଉଡ଼ର ଦନ୍ତରୋଗର ଅବ୍ୟର୍ଥ ମହୌଷଧ । ଦନ୍ତ ହଲିବା, ଦନ୍ତମୂଳରୁ ରକ୍ତ ପଡ଼ିବା ଓ ଦନ୍ତମୂଳ ଫୁଲି ପୂଯ ପଡ଼ିବା, ମାଢ଼ି ସୁଁ ସୁଁ ଫିଟିଯିବା ଓ ମୁଖର ଦୁର୍ଗନ୍ଧ ଇତ୍ୟାଦି ସର୍ବପ୍ରକାର ଦନ୍ତରୋଗ ନିବାରଣ କରେ ।

ମୂଲ୍ୟ ପ୍ରତିଟିନ　　ଟ ୦ । ଚାରିଅଣା

୨ । କିପାକ୍ସ ଟନିକ—ସ୍ନାୟୁ ବିଶିଷ୍ଟ ଦୌର୍ବଲ୍ୟ, ହୃଦୟଯନ୍ତ୍ରରେ ଧକ୍ ଧକ୍, ଯକୃତ, ଅଜୀର୍ଣ୍ଣ, ଅମ୍ଳ, ଛାତିଜ୍ୱାଳା, ପାକସ୍ଥଳୀରେ ଯନ୍ତ୍ରଣା, କୋଷ୍ଠବଦ୍ଧ, ଅକାଳେ ଜୀବନୀଶକ୍ତିର ହ୍ରାସ, ରକ୍ତର ସ୍ୱଳ୍ପତା, ଶୁକ୍ରମେହ, ମୂତ୍ରପ୍ରଭୃତି ଓ ସର୍ବପ୍ରକାର ଜ୍ୱରର ଅଦ୍ଭୁତ ଅବ୍ୟର୍ଥ ମହୌଷଧ । ସ୍ନାୟୁ ସମ୍ବନ୍ଧୀୟ ଦୌର୍ବଲ୍ୟର ଏହା ଅମୂଲ୍ୟ ଔଷଧ । ଉତ୍କଟ ରୋଗରୁ ଆରୋଗ୍ୟ ଉତ୍ତାରେ ବଳ ଲାଭ କରିବା ପକ୍ଷରେ ବିଶେଷ ଫଳଦାୟକ ।

ପ୍ରତି ଶିଶିର ମୂଲ୍ୟ　　ଟ ୨।

୩ । ପିଲୁଲା କାନେଡିଯ୍ୟା;—ବାଲ୍ୟକାଳର ଅବିବେଚନା ହେତୁ ପୁରୁଷତ୍ୱ ହାନି ଓ ତତ୍‌ସଙ୍କ୍ରାନ୍ତ ଅନ୍ୟରୋଗ ଓ ଇନ୍ଦ୍ରିୟ ସାମର୍ଥ୍ୟବୃଦ୍ଧି ଇତ୍ୟାଦିର ପରମ ଉପକାରୀ ଔଷଧ ।

ମୂଲ୍ୟ ୪୦ ବଟିକା ପୂର୍ଣ୍ଣ ପ୍ରତିବାକ୍ସ ଟ ୪୧

ଏକମାତ୍ର ଏଜେଣ୍ଟ
ଈଶ୍ୱରଚନ୍ଦ୍ର କୁଣ୍ଡୁ ଏଣ୍ଡ କୋଂ
ନ ୧୭୨ ଧର୍ମ୍ମତଲା ଷ୍ଟ୍ରୀଟ
ନ ୧ ନିଉ ମାର୍କେଟ ଓ ନ ୪୧ ଲୁଲବଜାର
କଲିକତା

## ବିଜ୍ଞାପନ ।




### ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!

### ଏ, ସଟନ ଏଣ୍ଡ କୋର ଆଶ୍ଚର୍ଯ୍ୟ ଔଷଧାବଳୀ ।

### ଭାରତବାସୀ ରୋଗିଙ୍କର ଆଉ ଭୟର କାରଣ ନାହିଁ ।

ସାଲସା ପ୍ୟାରିଲ ଟନିକ—ଏହା ସର୍ବୋତ୍କୃଷ୍ଟ ରକ୍ତପରିଷ୍କାରକ, ପାରଦ ଦୋଷନାଶକ ଓ ବଳକାରକ ସାଲସା ଉପଦଂଶ (ଗରମୀ ବେରାମୀ) ଓ ପାରଦ ବ୍ୟବହାର ଜନିତ ସର୍ବପ୍ରକାର ରୋଗ, କୁଷ୍ଠ, ବାତ; ଦେହ ହାତ ଓ ଗୋଡ଼ର ଚକା ଚକା ଦାଗ ଏବଂ ସର୍ବପ୍ରକାର ଚର୍ମରୋଗର ଏହା ଏକମାତ୍ର ମହୌଷଧ । କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ କୃଶତା ଦୂର କରିବାକୁ ଏହା ଅଦ୍ୱିତୀୟ ଅଟେ । ରୋଗା, କ୍ଲାନ୍ତ ଅରୋଗୀ, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଶିଶିଏ ଖାଇବାର ଆବଶ୍ୟକ,

ମୂଲ୍ୟ　ଟ ୧୷　　ମାସୁଲ　ଟ ୦ ୫

ଅଞ୍ଜି ଗନୋରିଆର ମିକଶ୍ଚାର ।—ନୂତନ ଓ ପୁରାତନ ମେହ, ମୂତ୍ରନଳର ପ୍ରଦାହ ଓ ସ୍ରାବ, ପ୍ରସ୍ରାବକାଳୀନ ଜ୍ୱାଳା ଓ ରକ୍ତପାତ, ସପୂଯ ଧାତୁସ୍ଖଳନ, ମୂତ୍ରକୃଚ୍ଛ୍ର, ଟୋପାଟୋପା ଗୋଟିଏ ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ଶିରେ ଘୂର୍ଣ୍ଣନ ଏବଂ ସର୍ବାପେକ୍ଷା ବିଷାକ୍ତ ଔପସର୍ଗିକ ମେହର ଏହା ଏକମାତ୍ର ମହୌଷଧ । ଶରୀରକୁ ବିଷଶୂନ୍ୟ ଓ ନିର୍ଦ୍ଦୋଷ କରିବାକୁ ଏହା ତୁଲ୍ୟ ଆଉ ଔଷଧ ଆବିଷ୍କୃତ ହୋଇ ନାହିଁ । ଅତି ଭୟାନକ ଜ୍ୱାଳା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ।

ମୂଲ୍ୟ　ଟ ୧୷　　ମାସୁଲ　ଟ ୦ ୫

ନର୍ଭ ଟନିକ ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ ସ୍ୱପ୍ନଦୋଷ, ଇନ୍ଦ୍ରିୟ ଶୈଥିଲ୍ୟ, ପୁରୁଷତ୍ୱ ହାନି; ସ୍ମୃତିଶକ୍ତି ହ୍ରାସ ଅତିରିକ୍ତ ପ୍ରସ୍ରାବ, କୋଷ୍ଠ କାଠିନ୍ୟ ପ୍ରଭୃତି ଯାବତୀୟ ଶୁକ୍ର ପୀଡ଼ାର ମହୌଷଧ । ଏହାକୁ ସେବନ କଲେ ମନ ସ୍ଫୂର୍ତ୍ତିରେ ଓ ଶରୀର ନବ ବଳରେ ବଳୀୟାନ୍ ହୋଇ ସ୍ୱାଭାବିକ କାନ୍ତି ପ୍ରାପ୍ତ ହୁଏ । ଯଦ୍ୟପି ଏହା ସେବନଦ୍ୱାରା ଟନିକର ରୋଗ ଆରୋଗ୍ୟ ନ ହୁଏ ତାହାହେଲେ ତାହାର ଶାନ୍ତିର ଆଉ ଉପାୟ ରହିବ ନାହିଁ ।

ମୂଲ୍ୟ　ଟ ୧୷　　ମାସୁଲ　ଟ ୦ ।୷

ଡଂଓ୍ୟାରମ ଲୋସନ ।—ଏହାକୁ ବ୍ୟବହାର କଲେ ସର୍ବପ୍ରକାର ଦାଉ, ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ଆରୋଗ୍ୟ ହୁଏ । ଏହା ତୁଲ୍ୟ ଦାଉ ଔଷଧ ଜଗତରେ ଆଉ ଦ୍ୱିତୀୟ ହୁଏ ନାହିଁ ଥରେ ବ୍ୟବହାର କଲେ ବୁଝିପାରିବେ ।

ମୂଲ୍ୟ　ଟ ୦ ୫　　ଡାକମାସୁଲ　ଟ ୧।୷

ଠିକଣା—ଏ, ସଟନ ଏଣ୍ଡ କୋଂ

ନ ୨୬୭ ଅପର ଚିତପୁର ରୋଡ଼ ହାଟଖୋଲା କଲିକତା ଏବଂ ନଗରରେ ହୋମିଓପ୍ୟାଥିକ ମେଡ଼ିକାଲ ହଲ ନାମକ ଡାକ୍ତରଖାନାର ମାଲିକ ଡାକ୍ତର ଅକ୍ଷୟକୁମାର ଘୋଷ ଆମ୍ଭମାନଙ୍କର ଏକମାତ୍ର ଏଜେଣ୍ଟ ଅଟନ୍ତି ।


Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନରେ ରଜା, ଜମିଦାରମାନଙ୍କ ବଂଶସ୍ତ୍ରୀବରେ ବହୁକାଳ ମାଲ ଯୋଗାଇଆସୁଛୁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ରାଯୁଗଡ଼, ସରାଇକଲା ସୋନପୁର, ପାଟଣା, ଖଡ଼ିଆଳ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଅଠଗଡ଼, ଗାଙ୍ଗପୁର, ଭଇଲାକୋଟା, ଝଡ଼ଇସ୍ୟୁପୁର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଅମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ପେଗା, କିଂଖାପ, ବାପ୍ତା, ସଙ୍ଗୀ; ଦୋପଟ୍ଟ ମଣ୍ଡିଲ, ଶିରରେ ବାନ୍ଧିବାର ପେଟା, ରୁମାଲ ସାଲ ଏବଂ ନାନା ପ୍ରକାର ଇତ୍ୟାଦି ଖଚିତ ଅଙ୍ଗୁଷ୍ଟି ପ୍ରଭୃତି ଛଡ଼ା ସୁନା ରୂପାର ବାସନ ହଉର-ଦାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରି ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ ଡାକରେ କି ) ରେଲରେ ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଅମ୍ଭର ହସ୍ତଗତ ହେବ ।

ଭେଲୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରନ୍ତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଅମ୍ଭର ଏଜେଣ୍ଟ ଶେଖ ଉଅବେଦଲ୍ଲ ଓଡ଼ିଶା ଗଡ଼ଜାତମାନଙ୍କରେ ଭ୍ରମଣ କରନ୍ତି । ତାହାଙ୍କ ସଙ୍ଗେ ଅନେକ ବନାରସୀମାଲ ପ୍ରସ୍ତୁତ ଥାଏ ଓ ଯାହା ନ ଥିବ ଫରମାସ ହେଲେ ସେ ଅବିଳମ୍ବେ ଯୋଗାଇ ପାରିବେ । ତାହାଙ୍କଠାରେ ଦୁଇଟା ରୂପାର କୁର୍ସି (ଚେଅର) ଅଛି ଓ ତହିଁଉପରେ ସୁନାର କାମ ହୋଇଅଛି । ମୂଲ୍ୟ ଏକଗୋଟାକୁ ଟ ୨୦୦ ଙ୍କା ।

ଶ୍ରୀ ପାନ୍ନୁମାଲ ସୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି




ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବିଶ୍ୱବିଖ୍ୟାତ ସେହି **ଇଲେକ୍ଟ୍ରୋ ସାଲସା!** ଅଦ ଓ ଅତୁଳନ ଅପୂର୍ବ୍ୟଗୁଣ! ପ୍ରତ୍ୟକ୍ଷଫଳ ;

ଚିକିତ୍ସାଜଗତରେ ନବଯୁଗ ବର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ସ୍ନାୟୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମହିମ ମହାରାଜା ସାର ସୁଚଳଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※※※ ମାଂସ କେହିରୂପେ କହୁଅଛି ଯେ "ଇଲେକ୍ଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତ ହୃଷ୍ଟି ହେବୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ"।

୨ । ମହାମାନ୍ୟ ମହାରାଜା ଗୌରଚନ୍ଦ୍ର ଦେଓ ଢେଢ଼ାଶୋଲରୁ ଲେଖିଅଛନ୍ତି—"※※※ ବିଜ୍ଞାପନର ମୋହରେ ପଡ଼ି "ଡ୍ୟାକଜନ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍ଟ୍ରୋ ସାଲସାର ଗୁଣ ମୁଁ ଗୁଣି ପାରିବି ନାହିଁ । ମୋତେ ଅଧିକ "ଡଜନ ପଠାଇଦେବେ"।

୩ । ମହାମାନ୍ୟ ମହାରାଜା ବୀରବର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର ଓ ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ"।

ପ୍ରାପ୍ତିସ୍ଥାନ—ଡବଲିଉ, ମେଜର ଏଣ୍ଡ କୋମ୍ପାନୀ କଲିକତା, ଓ ବୋମ୍ବାଇ ।

Digitized by srujanika@gmail.com



ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ ସେହି

## "ଇଲେକ୍‌ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନାନୁସାରେ
ରେଜେଷ୍ଟ୍ରୀକୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !
ଆଦି ଓ ଅକୃତ୍ରିମ ।

ଆଉ ତାହାରକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଡ୍ୟାକନ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଉ କାହାରକୁ ରୋଗଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା:—ପ୍ରତ୍ୟହ ଯେରୂପ ହଜାର୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି୨ ଅଯାଚିତ ପ୍ରଶଂସାପତ୍ର ଲାଭ କରିଅଛି ଓ କରୁଅଛି ।

ଇଲେକ୍‌ଟ୍ରୋ ସାଲସା:—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ୍ ବେଗରେ ସର୍ବ ଶରୀରରେ ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ-କାରିତାଶକ୍ତି ଗୁଣରୁ ସଙ୍ଗେ୨ ରୋଗର ପ୍ରବଳତା ଦମନ କରିଦିଏ । ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରିପାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ ଯୌବନକାଳୋଚିତ ବଳ କାର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା:—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ଗେଜେଟରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା କି ସ୍ୱଦେଶୀ କି ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧିହିଁ କୃତ୍ରିମ । ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖନ୍ତି—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇ-ଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି, ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଡଜନ୨ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼୨ ଦାତବ୍ୟ ଚିକିତ୍ସାଳୟରେ ଉପ-ଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରି ଯାଉଅଛି । ଅସିୟା, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ୨ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଏକାଧାରରେ ଏତେ ଅଧିକଗୁଣସ-ମ୍ପନ୍ନ ଔଷଧ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା--ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଆଣ୍ଠୁ ଗଣ୍ଠି ଫୁଲିବା କୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣ, କୁଳ ଗରମି ଓ ପାରର ଘା, ନାକ ଓ କାନର ଘା ଦେହରେ ବା ହସ୍ତ ଓ ପାଦତଳରେ ପାରଗରମିର ଧାଦ୍ରା ବା କଳାଚକ୍ର, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରଦ ଓ ଗରମି ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କକାର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ କାର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର-ନାଳରୁ ଶୁକ୍ର ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କିମ୍ବା ମଳବେଗରେ କାର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣଶକ୍ତିହୀନ, ମୁଣ୍ଡ ଘୂରିଇବା, ଚିତ୍ତର ଅସ୍ଥିରତା, ନିର୍ଜ୍ଜନପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକଟ୍ରୋ ସାଲସା:—ର ଗୁଣାବଳୀ ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ । ସଙ୍ଗେ୨ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ ଅସୁସ୍ଥ ଆବାଲ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରିପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହେବ ନାହିଁ ।

"ଇଲେକ୍‌ଟ୍ରୋ ସାଲସା" ଭୂମ୍ନ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀସୁଦ୍ଧା ଆଜଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପୁସ୍ତକାକାରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକଗ୍ରାହକ ତାହାପାଇବେ

ମୂଲ୍ୟ ପ୍ରତି ଶିଶି ଟ ୨ ୧ ୩ଶିଶି ଟ ୫୪
୬ଶିଶି ଟ ୧୦୪ ଡଜନ ଟ ୨୦ ୧
ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକ୍‌ଟ୍ରୋ ସାଲସାର ;—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନିଉୟର୍କ ଆମେରିକା । ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରାପ୍ତିସ୍ଥାନ;—'ଡବଲିଉ, ମେଜର ଏଣ୍ଡ କୋମ୍ପାନି," କଲିକତା

Split by PDF Splitter
Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।



ଯାଦୁ ରୋଗର ଏହା ଦୈବଶକ୍ତି ସମ୍ପନ୍ନ ଔଷଧ ବୋଲି ବହୁ ଲୋକର ବିଶ୍ୱାସ ହୋଇ-ଅଛି । ବାସ୍ତବରେ ଯେତେ ବଡ଼ କଦର୍ଯ୍ୟ କଠିନ ଯାଦୁ ହୋଇଥାଉ ନାହିଁ ଏ ଔଷଧ ତହିଁରେ ଲାଗିବା ମାତ୍ର ସତ୍ୟ ସତ୍ୟ ମନ୍ତ୍ରଶକ୍ତି ପ୍ରାପ୍ତ ରୋଗ ହନ୍ନା ଜଣ୍ଡରେ ତୁଳଦଳ ମଧ୍ୟରେ ଦୂରଯାଏ । ପ୍ରକୃତରେ ଏହାର ଏମନ୍ତ ଉପକାରୀତା ଗୁଣ ଅଛି କି ନା ପରେ ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ପଠାଯାଏ ।

ମୂଲ୍ୟ ପ୍ରତି ଡବା ଟ ୦ ।୵ ଅଣାମାତ୍ର ।

ଯେଉଁକାଳର ଯେମନ୍ତ ଯାଦୁ ରୋଗ ହେଉ ପଛକେ ଜନାକ୍ଷାଲା ଯନ୍ତ୍ରଣାରେ ରୋଗ ସମୂଳେ ବିନାଶ ପ୍ରାପ୍ତ ହେବ । ଯାଦୁ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି ଜନ୍ତୁ ତୁଳନାରେ ଏପ୍ରକାର ଆଶ୍ଚର୍ଯ୍ୟଜନକ ମହୌଷଧ ଆଉ ଦ୍ୱିତୀୟ ବାହାରି ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରଜା, ମହାରଜା, ଜମିଦାର, ହାକିମ ପଣ୍ଡିତଙ୍କଠାରୁ ନିତାନ୍ତ ସାଧାରଣ ଦରିଦ୍ର ବ୍ୟକ୍ତି ପର୍ଯ୍ୟନ୍ତ ଔଷଧର ରୋଗ ଆରୋଗ୍ୟକାରୀ ଉପକାରିତା ଗୁଣରେ ମୋହିତ ହେଉଅଛନ୍ତି । ଶତ ୨ ବ୍ୟକ୍ତି ସ୍ୱ ଇଚ୍ଛାରେ ଔଷଧର ପ୍ରଶଂସା କରି କହୁଅଛନ୍ତି ଯେ ଯଥାର୍ଥରେ ଯାଦୁ ରୋଗର ଏହା ଗୋଟିଏ ଉତ୍କୃଷ୍ଟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ଟ ୦ ।୵ ଅଣାମାତ୍ର ।

ଏକକାଳରେ କେହି ଛ ବା ବାର ଗୋଟି ଡବା କି ତହିଁରୁ ଅଧିକ ନେଲେ ବିଶେଷ ସୁବିଧା କରିଦିଆଯାଏ । ସମସ୍ତେ ଆପଣା ୨ ନାମ, ଧାମ ଡାକଘର କଲି ଉତ୍ତମରୂପେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।

୨୨।୨।୦୩ ଶ୍ରୀ ରାମକାରଣ ସେନ ।

ହେଡ୍ ଉତ୍କଳପ୍ରେସ, ବାଲେଶ୍ୱର ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.

# ଫଳେନ ପରିଚୀୟତେ

କବିରାଜ ଶ୍ରୀଯୁକ୍ତ କବି କବିରତ୍ନଙ୍କର

ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ଷଡ଼୍‌ଗୁଣାବଲୀଜାରିତ ସ୍ୱର୍ଣ୍ଣଘଟିତ

ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍‌ବିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, ହୋଷ୍ଟ ଆଦି ବାୟୁଜ୍ୱର, କାଶ, ଶ୍ୱାସ, କୃମି; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗଙ୍କର ସବୁ ଶୀଘ୍ର ନିବାରିତ ହୁଏ । ଅତି-ଶୟ ଅଧ୍ୟୟନ ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ଦୁର୍ବଳତା, ସ୍ମରଣଶକ୍ତିର ଅଳ୍ପତା

ତନ୍ଦ୍ରାର ନ୍ୟୂନାଧିକ୍ୟ, ଶରୀରପାଣ୍ଡୁତା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ଦ୍ଦି କାଶ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧୲ ।

ର ୧ ଋ ଟ ୪୦

## ଶ୍ରୀକୃଷ୍ଣ କଷ୍ଟିକା ।

ଏହି ଔଷଧ ସାର୍ଯ୍ୟସ୍ତମ୍ଭାଦିରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ସାର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

## କଲ୍ପତରୁରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାର-ଦାଦିଦୋଷଜନିତ ଶରୀରରେ ଗଲା ୨ ଓ ଚକା ୨ ଦାଗ; ଶ୍ୱେତକୋଷ୍ଠବୃଦ୍ଧି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକକେ ଛଅଶିଶି ନେଲେ ଟ ୪୲ ବା ଲାଗେ

ଚୌଧୁରୀ ବଜାର } ଶ୍ରୀ ଛବିଲ କବି କବିରତ୍ନ
କଟକ } ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୵

ଅଧସ୍ତମ୍ଭ ୫ ୨ ୧

ପୂର୍ଣ୍ଣ ଏକ ସ୍ତମ୍ଭ ଟ ୩ ୧

ମାତ୍ର କୌଣସି ବିଜ୍ଞାପନ ଯେତେ ହ୍ରସ୍ୱ ହେଲେ ତହିଁର ଦର ୫୦ ୳ ଶାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥରୁ ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇ ଦେବାକୁ ହେବ ।

ଏହି ଉତ୍କଳଦୀପିକା କଟକ ନଗରେ କଟକଛାପାଖାନାରେ ବାବୁ ଗୌରୀଶଙ୍କର ରାୟଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

GISTERED No. C 81



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

## THE UTKAL DIPIKA.

ଭା ୩୮ ଗ
୦
ସ ୪୭ ସଂ

CUTTACK, SATURDAY THE 5th December 1903.
ତା ୨୦ ଉ ମାର୍ଗଶିର ସନ ୧୩୧୧ ସାଲ ଶନିବାର

ଅଗ୍ରିମ ଟ ୩୧
ପଶ୍ଚାଦେୟ ଟ ୬୧

### NOTICE.

WANTED a competent Uriya and English knowing Clerk read up to B.A. on a monthly salary of Rs. 30 rising to Rs. 40, for the Executive Department of this state. The applicant must be strong in accounts and correspondence and will be a very neat writer. The applications to be received up to 25th December 1903 by the State Dewan, Mourbhanj.

By order
JAYKRISHNA BANERJI,
Sheriestadar,
Executive Dept.
Mourbhanj.

Dated Baripada,
28—11—03.


### ADVERTISEMENT

Wanted smart and energetic chief and local mofussil agents in every District to introduce and sell our Electric, acetylene lights and Novelties and Graphophones and Phanographs &c. Cash security from Rs. 100 to 1000 required as deposit for our goods. Monthly salary ranging from Rs. 10 to Rs. 100 or ten percent of the amount deposited besides 12½ percent commission on goods sold will be given goods worth more than the amount of security supplied apply to.

EDWARD ELECTRIC WORKS & NOVELTIES
and
acetylene goods supply Co.
64 College street, Calcutta.


ବଙ୍ଗୀୟ ଆ ୩ ଉକର ଦ ୧୯୯ ଧାରାନୁସାରେ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଗଲା ଯେ ନାଠଘୋଡ଼ାନଦୀ ପାଣିରେ ପୁସ୍ପଘାଟଠାରୁ ଲଗାଏତ ହଡ଼ହଡ଼ିଘାଟ ପର୍ଯ୍ୟନ୍ତ ଯେଉଁ ଦୁଇ ପାଶରେ ଲାଲପତାକା ଲାଗିଥିବାର ବାଉଁଶ ଲଗା ହୋଇଅଛି, ଉକ୍ତ ସୀମା ମଧ୍ୟରେ କୌଣସି ବ୍ୟକ୍ତି ତଳଲିଖିତ ଉପସିଲ ମୁତାବକ ଜଳ ଅପରିଷ୍କାର କରିବେ ନାହିଁ । ୨୧।୧୧।୦୩

ଉପସିଲ ।

୧ । ଧୋବାମାନେ ଲୁଗା କାଚିବେ ନାହିଁ ।

୨ । ଘୋଡ଼ା, ଗାଈ, ବଳଦ, ଇତ୍ୟାଦି ଜନ୍ତୁମାନଙ୍କୁ ଗାଧୁଆଇବ ନାହିଁ ।

୩ । ମଇଳା ଚଟେଇ, କମ୍ବଳ ଅପରିଷ୍କାର ଲୁଗା ଆଦି ପାଣିରେ ଧୋଇବ ନାହିଁ ।

୪ । ଦାନ୍ତ ଘସି ପାଣି ମଧ୍ୟରେ କୁଳ କମ୍ବା ଦାନ୍ତକାଠିଆଦି ପକାଇବ ନାହିଁ ।

୫ । ଝାଡ଼ାଫେରିଥିଲେ ପାଣି ସାଉବ ନାହିଁ ।

ଯଦି ଉପରେ ଲିଖିତ ନିୟମ ଲଙ୍ଘନ କରିବ ତେବେ ସନ ୧୮୮୪ ସାଲ ବଙ୍ଗୀୟ ଆ ୩ ଉକର ଦ ୨୧୭ ଧାର ଧା ୪ ଘ ଅନୁଯାୟୀ ଗିରଫ୍ତାର ହୋଇ ଚଲାନ ଦିଆଯିବ ।

RAMSANKAR ROY
*Chairman*
Cuttack Municipality'


### ନୂତନ ! ନୂତନ ! ନୂତନ ।

ଛତିଶଗୁପ୍ତଗୀତା ଟୀକାସହିତ ୪୫ ଅଧ୍ୟାୟ ଟ°୍ୟ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।


ବାଲେଶ୍ୱର ଜିଲ୍ଲାରେ ଗୋଟିଏ ପକ୍କା ଜେଲଖାନା ମାତ୍ର ୬ ମାସ ମଧ୍ୟରେ ପ୍ରସ୍ତୁତ କରିବା ନିମନ୍ତେ ଜଣେ କଣ୍ଟ୍ରାକ୍ଟର ଆବଶ୍ୟକ, ଏବଂ କଣ୍ଟ୍ରାକ୍ଟର ଆଂଶିକ ବିଲ ପ୍ରାର୍ଥୀ ନ ହୋଇ କାର୍ଯ୍ୟଶେଷରେ ଇଷ୍ଟିମେଟର ଅର୍ଦ୍ଧେକ ଟଙ୍କା ଏବଂ ତାହାର ଛଅମାସ ପରେ ଅବଶିଷ୍ଟ ଅର୍ଦ୍ଧେକ ଟଙ୍କା ପାଇବେ । କଣ୍ଟ୍ରାକ୍ଟର ଆପଣା ଅଧୀନରେ ଏକଜଣ ଉପଯୁକ୍ତ କାର୍ଯ୍ୟ ପରିଚାଳକ ରଖିବା ଆବଶ୍ୟକ । ସୁତରାଂ କାର୍ଯ୍ୟ ପ୍ରାର୍ଥୀ ଆଗାମୀ ଡିସେମ୍ବର ମାସ ତା ୧୦ ରଖ ମଧ୍ୟରେ ଆବେଦନପତ୍ର ବାଲେଶ୍ୱରଡିଷ୍ଟ୍ରିକ୍ଟଇଞ୍ଜିନିୟରଙ୍କ ନିକଟକୁ ପ୍ରେରଣ କରିବେ ।

BY ORDER
*Narayan Mishar*
Sub Overseer.

ବାଲେଶ୍ୱର
୧୯।୧୧।୦୩


### କୁଷ୍ଠରୋଗୀ ।

#### ହତାଶ ହୁଅ ନାହିଁ

ଆମ୍ଭେ ବହୁ ପରୀକ୍ଷାକରି ପ୍ରତିଜ୍ଞାପୂର୍ବକ କହୁଅଛୁଁ ଯେ ଯେବେ ଏହି ଦୁରାରୋଗ୍ୟ କୁଷ୍ଠକବଳରୁ ମୁକ୍ତି ପାଇ ସୁସ୍ଥ ଶରୀରରେ ଦୀର୍ଘକାଳ ବଞ୍ଚିବାର ଆଶା ଥାଏ ଯେବେ ବହୁ ଚିକିତ୍ସା କରାଇ ଓ ବହୁ ଔଷଧ ସେବନ କରି ମଧ୍ୟ ନିଷ୍ଫଳ ହୋଇ ଥାଅ, ଯେବେ ଡାକ୍ତର ଓ କବିରାଜଙ୍କର ଚିକିତ୍ସାର ପରିତ୍ୟକ୍ତ ହୋଇଥାଅ, ଯେବେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବାର ଏକାନ୍ତ ବାସନା ଥାଏ ଯେବେ ଅମୃତ ଏହି ବାକ୍ୟପରକୁ ଅତିରଞ୍ଜିତ ବା ଆଡ଼ମ୍ବର ପୂର୍ଣ୍ଣ ମନେ ନ କର ତେବେ ଶୀଘ୍ର ଅମୃତ ଔଷଧ ସେବନ କର । ହସ୍ତପଦର ଅଙ୍ଗୁଳି ଛିନ୍ନ, ନାଶିକାବକ୍ର, କର୍ଣ୍ଣବିକୃତ ଓ ସର୍ବାଙ୍ଗ ବ୍ୟାପି ସ୍ୱର୍ଣ୍ଣରହିତ ଘାଆମାନ ଥିଲେ ମଧ୍ୟ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ସନ୍ଦେହ ନାହିଁ ଅମୃତ ଔଷଧର ଫଳାଫଳ ପରୀକ୍ଷାକରି ଦେଖିଲେ ଜାଣିପାରିବ । ନିମ୍ନ ଠିକଣାକୁ ଦୁଇପଇସିଆ ଟିକଟସହ ପତ୍ର ଲେଖିଲେ ପ୍ରୟୋଜନୀୟ ବିଷୟମାନ ବୁଝିପାରିବ ।

ଲୁଣୁକପୁର
କଟକ

ଶ୍ରୀ ବାଲକୃଷ୍ଣଦାସ
କବିରାଜ


Digitized by srujanika@gmail.com